ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.104 Bhubaneswar Wednesday May 29 2024 | ୨୬ତମ ବର୍ଷ | ସଂଖ୍ୟା-୧୦୪ ଭୁବନେଶ୍ୱର, ବୁଧବାର, ମଇ ୨୯, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

## ଆଇପିଏସ୍ ଡିଏସ୍ କୁଟ୍‌ଟେଙ୍କୁ ସସ୍‌ପେଣ୍ଡ କଲେ ଭାରତୀୟ ନିର୍ବାଚନ କମିଶନ

ଭୁବନେଶ୍ୱର,୨୮।୫(ପି.ଏନ): ବିଜେଡି ପାଇଁ ରାଜନୀତି କରିବା ଦୁଇ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ମହଙ୍ଗା ପଡିଛି । ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ୧୯୯୭ ବ୍ୟାଚ୍ ଆଇପିଏସ୍ ଡିଏସ କୁଟ୍‌ଟେଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି ଓ ତାଙ୍କୁ ଆସନ୍ତାକାଲି ଅପରାହ୍ନ ୩ଟା ସୁଦ୍ଧା ଦିଲ୍ଲୀରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଚିଲିକା ବିଧାୟକ ତଥା ଖୋର୍ଦ୍ଧା ବିଜେପି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦେବଙ୍କୁ ଇଭିଏମ୍ ମେସିନ୍ ଭଙ୍ଗା ଘଟଣାରେ ଫସାଇବା ଡିଏସ୍ କୁଟ୍‌ଟେଙ୍କୁ ମହଙ୍ଗା ପଡିଛି। ସେହିପରି ୨୦୧୦ ବ୍ୟାଚ୍ ଆଇପିଏସ୍ ଆଶିଷ କୁମାର ସିଂଙ୍କ ସ୍ୱାସ୍ଥ୍ୟ ଖରାପର ଯାଂଚ୍ ଭୁବନେଶ୍ୱର ଏମସ୍ ଡାକ୍ତର ବୋର୍ଡ କରିବାକୁ ଆଜି ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୁପାରିଶ ଓ ରିପୋର୍ଟ ଆଧାରରେ ନିର୍ବାଚନ କମିଶନ ଆଜି ଆଇପିଏସ୍ ଅଫିସର ଡିଏସ କୁଟ୍‌ଟେ ଓ ଆଶିଷ ସିଂଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଏହି ଦୁଇ ଆଇପିଏସ୍ ଅଫିସର ନିର୍ବାଚନୀ ଗତିବିଧିରେ ସମ୍ପୃକ୍ତ ଥିବାର ସିଧାସଳଖ ପ୍ରମାଣ ବାରମ୍ବାର ମିଳିବା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଡିଏସ୍ କୁଟ୍‌ଟେଙ୍କୁ ଚାକିରିରୁ ତତ୍କାଳ ପ୍ରଭାବରୁ ନିଲମ୍ବନ କରାଯିବା ସହ ତାଙ୍କୁ ନୂଆଦିଲ୍ଲୀସ୍ଥିତ ମୁଖ୍ୟ ଆବାସିକ କମିଶନରଙ୍କ କାର୍ଯ୍ୟାଳୟରେ ଆସନ୍ତାକାଲି ଅପରାହ୍ନ ୩ଟା ସୁଦ୍ଧା ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାସହିତ ଡିଏସ କୁଟ୍‌ଟେଙ୍କ ବିରୁଦ୍ଧରେ ଥିବା ଚିଠା ଚାର୍ଜସିଟକୁ ରାଜ୍ୟ ମୁଖ୍ୟ ସଚିବଙ୍କୁ ଦେବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଡିଏସ କୁଟ୍‌ଟେଙ୍କ ବିରୁଦ୍ଧରେ ଚାକିରି ସର୍ତ୍ତାବଳୀ ଅନୁସାରେ ଆବଶ୍ୟକ ଚାର୍ଜସିଟ୍ ମେ' ୩୦ତାରିଖ ସୁଦ୍ଧା ପ୍ରସ୍ତୁତ କରିବାକୁ ମଧ୍ୟ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଜାରି ହୋଇଛି ।



## ପ୍ରଚାର ପରେ ୨୪ ଘଣ୍ଟା ଧ୍ୟାନରେ ବସିବେ ମୋଦି

ନୂଆଦିଲ୍ଲୀ,୨୮।୫(ପି.ଏନ): ଦେଶରେ ଚାଲିଥିବା ସାଧାରଣ ନିର୍ବାଚନ ଏବେ ଶେଷ ପର୍ଯ୍ୟାୟରେ। ଆସନ୍ତା ୧ ତାରିଖରେ ଶେଷ ପର୍ଯ୍ୟାୟ ଭୋଟିଂ ହେବ। ଏହାପରେ ଜୁନ ୪ରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ। ୭ ପର୍ଯ୍ୟାୟରେ ଦେଶର ୫୪୩ ଲୋକସଭା ଓ କିଛି ରାଜ୍ୟର ବିଧାନସଭା ଆସନ ମତଦାନ ହେଉଛି। ଏଥିପାଇଁ ସବୁ ଦଳର ଷ୍ଟାର ପ୍ରଚାରକମାନେ ଜୋରଦାର ପ୍ରଚାର କରୁଛନ୍ତି। ଏହିକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ତାଙ୍କ ଦଳ ବିଜେପି ପାଇଁ ପ୍ରଚାର କରୁଛନ୍ତି।



### ଓଲଟି ପଡିଲା ବସ୍ ୨ ଜଣଙ୍କ ମୃତ୍ୟୁ, ୫୦ରୁ ଅଧିକ ଗୁରୁତର

ଭୁବନେଶ୍ୱର,୨୮।୫(ପି.ଏନ): ବୁଲାଣୀ ରାସ୍ତାରେ ଓଲଟି ପଡିଲା ଯାତ୍ରୀବାହୀ ବସ୍। ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦ରୁ ଅଧିକ ଗୁରୁତର ହୋଇ ମେଡିକାଲ୍‌ରେ ଭର୍ତ୍ତି ହୋଇଛନ୍ତି। ଆଜି ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ବେଳେ ଏପରି ମର୍ମନ୍ତୁଦ ସଡକ ଦୁର୍ଘଟଣା କନ୍ଧମାଳ ଜିଲ୍ଲାରେ ଘଟିଛି। ରାତି ହୋଇଥିବାରୁ ଉଦ୍ଧାର କାର୍ଯ୍ୟରେ ବ୍ୟାଘାତ ହେଉଛି।

### ରାଜଧାନୀରେ ବଡ ଅଘଟଣ: ପୋଲିସ ଗାଡି ଦୁର୍ଘଟଣାଗ୍ରସ୍ତ, ୨୦ ମହିଳା ପୋଲିସ ଆହତ

ଭୁବନେଶ୍ୱର,୨୮।୫(ପି.ଏନ): ସାରା ରାଜ୍ୟରେ ଚତୁର୍ଥ ପର୍ଯ୍ୟାୟ ମତଦାନ ପାଇଁ ପ୍ରଚାର କାର୍ଯ୍ୟ ଜାରି ରହିଥିବା ବେଳେ ଏହା ମଧ୍ୟରେ ଆସିଛି ଏକ ବଡ ଖବର । ରାଜଧାନୀ ଭୁବନେଶ୍ୱର ଘଟିଯାଇଛି ଏକ ବଡ ଅଘଟଣ । ବାଣୀବିହାର ସତସଙ୍ଗ ପାର୍କ ସମ୍ମୁଖରେ ଏକ ବସ ଦୁର୍ଗଟଣାଗ୍ରସ୍ତ ହୋଇଛି । ପୋଲିସ ଗାଡି ନିର୍ବାଚନ ଡ୍ୟୁଟିକୁ ଯିବା ସମୟରେ ଏହି ଦୁର୍ଘଟଣା ଘଟିଥିବା ବେଳେ ସେଥିରେ ୨୦ ଜଣ ମହିଳା ପୋଲିସ କର୍ମଚାରୀ ଆହତ ହୋଇଥିବା ଜଣାପଡିଛି । ସମସ୍ତ ଅହତଙ୍କୁ କ୍ୟାପିଟାଲ ଭର୍ତ୍ତିରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି । ଗାଡିଟି ବଲାଙ୍ଗିରରୁ କେନ୍ଦ୍ରାପଡ ଅଭିମୂଖେ ଯାଉଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲା । ବସରେ ପାଖାପାଖି ୩୫ ଜଣ ମହିଳା କନଷ୍ଟେବଳ ଥିଲେ ।ସୂଚନାଯୋଗ୍ୟ ଯେ, ରାଜ୍ୟରେ ତୃତୀୟ ପର୍ଯ୍ୟାୟ ମତଦାନ ସରିଥିବା ବେଳେ ଦେଶରେ ଷଷ୍ଠ ପର୍ଯ୍ୟାୟ ମତଦାନ ସମାପ୍ତ ହୋଇଛି ।

## ଆସାମ ଓ ମିଜୋରାମରେ ବାତ୍ୟା ରେମାଲ ପ୍ରଭାବ; ୨୪ ମୃତ, ୭ ନିଖୋଜ



ନୂଆଦିଲ୍ଲୀ,୨୮।୫(ପି.ଏନ): ବାତ୍ୟା ରେମାଲ ବାଂଲାଦେଶ ଓ ପଶ୍ଚିମବଙ୍ଗ ଉପକୂଳରେ ଲ୍ୟାଣ୍ଡଫଲ୍ କରିଥିଲେ ମଧ୍ୟ ଏହାର ପ୍ରଭାବ ଆସାମ ଓ ମିଜୋରାମ ପଡିଛି। ବାତ୍ୟା ପ୍ରଭାବରେ ଲଗାଣ ବର୍ଷା କାରଣରୁ ଏହି ଦୁଇ ରାଜ୍ୟରେ ଜୀବନହାନୀ ସହ କ୍ଷୟକ୍ଷତି ଘଟିଛି ।ସୂଚନା ଅନୁସାରେ, ଗତ ୨୪ ଘଣ୍ଟା ମଧ୍ୟରେ ମିଜୋରାମ ଏବଂ ଆସାମରେ ପ୍ରବଳ ବର୍ଷା କାରଣରୁ ଭୂସ୍ଖଳନ ଓ ଗଛ ପଡ଼ି ଅତି କମରେ ୨୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୭ ଜଣ ନିଖୋଜ ଅଛନ୍ତି ।ମିଜୋରାମର ଆଇଜ୍ୱଲ ଜିଲ୍ଲାର ମେଲଥମର ଏକ ପଥର ଖଣିରୁ ୧୫ ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିବାବେଳେ ୭ ଜଣ ଏବେ ବି ନିଖୋଜ ଅଛନ୍ତି।

## ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଭାବେ ଦାୟିତ୍ୱ ଗ୍ରହଣ କଲେ ପରମେଶ୍ୱର ଫୁଙ୍କଓ୍ୱାଲ

ଭୁବନେଶ୍ୱର,୨୮।୫(ପି.ଏନ): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଭାବେ ଆଇଆରଏସଇ, ଶ୍ରୀ ପରମେଶ୍ୱର ଫୁଙ୍କଓ୍ୱାଲ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ଆଇଆଇଟି କାନପୁରର ପୂର୍ବତନ ଛାତ୍ର ଏବଂ ଭାରତୀୟ ରେଳବାଇ ଇଞ୍ଜିନିୟର୍ସ ସେବା (ଆଇଆରଏସଇ) ୧୯୮୮ ବ୍ୟାଚ୍ ଅଧିକାରୀ ଅଟନ୍ତି । ଦୀର୍ଘ ଦଶନ୍ଧିର ଉଲ୍ଲେଖନୀୟ କ୍ୟାରିୟର ସହ ସେ ଡିଆରଏମ/ରାଜକୋଟ, ଏଡିଆରଏମ/ଅହମ୍ମଦାବାଦ, ଅଧ୍ୟକ୍ଷ/ଆରଆରବି ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ/ଆରଡିଏସଓ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ତୁଲାଇଛନ୍ତି । ପୂର୍ବତଟ ରେଳପଥରେ ନିଯୁକ୍ତି ପାଇବା ପୂର୍ବରୁ ସେ ପଶ୍ଚିମ ରେଳବାଇ, ମୁମ୍ବାଇରେ ପ୍ରିନ୍ସିପାଲ୍ ଚିଫ୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ ।ଆରଡିଏସଓରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ବେଗ ବୃଦ୍ଧି କରିବା ପାଇଁ ଟ୍ରାକ୍ ଏବଂ ବ୍ରିଜ୍ କ୍ଷେତ୍ରରେ ଅଭିନବ ଜ୍ଞାନକୌଶଳ ପ୍ରଚଳନ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ରେଲଓ୍ୱେ ଇଞ୍ଜିନିୟରିଂ ବ୍ୟତୀତ ମାନବ ସମ୍ବଳ କାର୍ଯ୍ୟ, ଗବେଷଣା ଏବଂ ଡିଜାଇନ୍ ଏବଂ ସାଧାରଣ ପ୍ରଶାସନରେ ତାଙ୍କର ବିପୁଳ ଅଭିଜ୍ଞତା ରହିଛି । ଟ୍ରାକ୍, ବ୍ରିଜ୍ ଏବଂ ପରିବେଶ ଇଞ୍ଜିନିୟରିଂ ଉପରେ ସେ ଅନେକ ଗବେଷଣା ପତ୍ର ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶ କରିଛନ୍ତି । ବେଜିଂ (ଚାଇନା), କାଲଗରୀ (କାନାଡା) ଏବଂ ନୂଆଦିଲ୍ଲୀରେ ଅନୁଷ୍ଠିତ ଇଣ୍ଟରନ୍ୟାସନାଲ ହେଭି ହଲ୍ ଆସୋସିଏସନ୍ (ଆଇଏଚ୍‌ଏଚ୍‌ଏ) ସମ୍ମିଳନୀରେ ସେ ରିସର୍ଚ୍ଚ ପେପର ଉପସ୍ଥାପନ କରିଥିଲେ ।



## ବିଜେଡ଼ି ପ୍ରାର୍ଥୀ ଙ୍କ ପାଇଁ ଭୋଟ ନିବେଦନ କଲେ ପାଣ୍ଡିଆନ୍

ବାସୁଦେବପୁର ,୨୮।୫(ପି.ଏନ): ନିର୍ବାଚନ ପ୍ରଚାର ଜୋର୍ ଦାର୍ ଆରମ୍ଭ ହୋଇ ଯାଇଛି ବାସୁଦେବପୁର ରେ। ଚଳିତ ନିର୍ବାଚନ ରଣାଙ୍ଗନରେ ବାସୁଦେବପୁର ରେ ବିଜେଡ଼ି ପ୍ରାର୍ଥୀ ବିଷ୍ଣୁ ବ୍ରତ ରାଉତ ରାୟ ଓ ସାଂସଦ ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ଙ୍କ ପାଇଁ ପ୍ରଚାର ଜୋରଦାର କରିବାକୁ ବାସୁଦେବପୁର ରେ ପହଞ୍ଚି ଥିଲେ ଭି କେ ପାଣ୍ଡିୟାନ। ସ୍ଥାନୀୟ ଯାଦବ ପଡିଆ ରେ ଅନୁଷ୍ଠିତ ସଭା କାର୍ଯ୍ୟ କର୍ମ ରେ ଯୋଗ ଦେଇ ବିଜେଡ଼ି ପ୍ରାର୍ଥୀ ଙ୍କ ସପକ୍ଷ ରେ ଭୋଟ ନିବେଦନ କରିଥିଲେ ପାଣ୍ଡିଆନ୍। ବିରୋଧୀ ବିଜେପି ଓ କଂଗ୍ରେସ ଙ୍କ ମିଛ କଥାରେ ବିଶ୍ୱାସ କରନ୍ତୁ ନାହିଁ, ନବୀନ ପଟ୍ଟନାୟକ ଓଡ଼ିଶା ବାସୀ ଙ୍କ ସାଥିରେ ସବୁବେଳେ ଅଛନ୍ତି। ଓଡ଼ିଶାରେ ସରକାର ବିଜୁ ଜନତା ଦଳ ର ହେବ ଓ ଷଷ୍ଠ ଥର ପାଇଁ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ ହେବେ ବୋଲି କହିଛନ୍ତି ଭି କେ ପାଣ୍ଡିୟାନ। ବାସୁଦେବପୁର ର ବହୁ ଉନ୍ନତି ମୂଳକ କାର୍ଯ୍ୟ ହୋଇଛି ଆଗକୁ ଆହୁରି ଉନ୍ନତି ମୂଳକ କାର୍ଯ୍ୟ ହେବ, ଏଣୁ ବହୁ ଭୋଟ ରେ ପ୍ରାର୍ଥୀ ବିଷ୍ଣୁ ବ୍ରତ ରାଉତ ରାୟ ଓ ମଞ୍ଜୁଲତା ମଣ୍ଡଳ ଙ୍କୁ ବିଜୟୀ କରିବାକୁ କହିଛନ୍ତି ଭି କେ ପାଣ୍ଡିୟାନ। ବାସୁଦେବପୁର ର ପ୍ରତାପ କୁମାର ପାଢ଼ୀ



## ନିଜ ଭବିଷ୍ୟତ ଦେଖନ୍ତୁ, ପରିବାରର ହିତରେ ଭୋଟ ଦିଅନ୍ତୁ: ଡ. ଅଜୟ କୁମାର

ଭୁବନେଶ୍ୱର,୨୮।୫(ପି.ଏନ): ଆଉ ଦୁଇଦିନ ପରେ ଓଡ଼ିଶାରେ ୪ର୍ଥ ପର୍ଯ୍ୟାୟ ମତଦାନ ହେବ। ତେଣୁ ଓଡ଼ିଶାବାସୀ ବିଜେଡି ଓ ବିଜେପିର ମିଥ୍ୟା ପ୍ରଲୋଭନରେ ଢ଼ଳି ନଯାଇ ନିଜ ଭବିଷ୍ୟତ ଦେଖନ୍ତୁ। ନିଜ ପରିବାରର ଅଧିକାର ପାଇଁ ଭୋଟ୍ ଦିଅନ୍ତୁ। ଗତ ୨୪ବର୍ଷର ବିଜେଡି ଶାସନ ଓ ୯ବର୍ଷର ବିଜେଡି-ବିଜେପି ଶାସନରେ ଯାହା ହୋଇପାରିନି ଓଡ଼ିଶାବାସୀଙ୍କ ପାଇଁ ତାହା କଂଗ୍ରେସ କରିଦେଖାଇବ। ଅତିତରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ହିତାଧିକାରୀଙ୍କୁ ଚାଉଳ, ମନରେଗାରେ ଗ୍ରାମାଂଚଳର ଗରିବ ପରିବାରକୁ ରୋଜଗାର କଂଗ୍ରେସ ସରକାର ହିଁ ଦେଇଥିଲା। ମୋଦି ସରକାର ଏବଂ ନବୀନ ପଟ୍ଟନାୟକଙ୍କ ସରକାର କେବଳ କଂଗ୍ରେସ ଯୋଜନାକୁ ନିଜ ନାମରେ କରାଇ ଲୋକଙ୍କୁ ଭଣ୍ଡାଇବାକୁ ଚେଷ୍ଟା କରୁଛନ୍ତି। ତେଣୁ ସେମାନଙ୍କ କଥାରେ ଭାସି ନଯାଇ ନିଜର ଭବିଷ୍ୟତ ପାଇଁ କଂଗ୍ରେସକୁ ଭୋଟ୍ ଦିଅନ୍ତୁ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ ପ୍ରଭାରୀ ଡ. ଅଜୟ କୁମାର ଆହ୍ୱାନ କରିଛନ୍ତି। ଏହି ଅବସରରେ ସେ ଆସନ୍ତା କାଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଓଡ଼ିଶା ଗସ୍ତରେ ଆସି ଭଦ୍ରକ ଓ ବାଲେଶ୍ୱରରେ ଦୁଇଟି ବିଶାଳ ଶୋଭାଯାତ୍ରା କରିବେ ବୋଲି ସୂଚନା ଦେଇଥିଲେ। ଏଥିସହ ରାହୁଲ ଗାନ୍ଧୀ ମଧ୍ୟ ୩୦ ତାରିଖରେ ଓଡ଼ିଶା ଗସ୍ତରେ ଆସି ଭଦ୍ରକରେ ପ୍ରଚାର କରିବେ ବୋଲି ଡ. ଅଜୟ କୁମାର ଜଣାଇଛନ୍ତି। ମଙ୍ଗଳବାର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳୀନରେ ଡ. ଅଜୟ କୁମାର କହିଲେ ଯେ କଂଗ୍ରେସ କ୍ଷମତାକୁ ଆସିଲେ କୃଷକଙ୍କୁ ବୋନସ ସହିତ ଧାନ କୁଇଂଟାଲ ପ୍ରତି ୩୦୦୦ ଟଙ୍କା ଏମ୍‌ଏସ୍‌ପି ପ୍ରଦାନ କରାଯିବ, ଯାହାକି ନବୀନ ସରକାର ମାତ୍ର ୧୭୦୦ ଟଙ୍କା ଦେଉଛନ୍ତି। ଏଥିସହ କୃଷିଋଣ ଛାଡ଼ କରାଯିବ ଓ କୃଷକ ଭାଇମାନଙ୍କୁ ମାସିକ ୨୦୦୦ ଟଙ୍କା ଭତା ମଧ୍ୟ ପ୍ରଦାନ କରାଯିବ। ଏଥିସହ ଘରୋଇ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ୨୦୦ ୟୁନିଟ୍ ବିଦ୍ୟୁତ ଛାଡ କରାଯିବ। ଏହା ଦ୍ୱାରା ସେମାନଙ୍କର ମାସିକ ୨ରୁ ୩ହଜାର ଟଙ୍କା ସଂଚୟ ହୋଇପାରିବ। ୫ହଜାର ଯୁବକ ଯୁବତୀଙ୍କୁ ନିଯୁକ୍ତି, ସ୍ନାତକ ଓ ଡିପ୍ଲୋମାଧାରୀ ବେକାର ଯୁବକ ଯୁବତୀଙ୍କୁ ମାସିକ ୩୦୦୦ ହଜାର ଟଙ୍କା ବେକାରୀ ଭତା ମିଳିବ। ସ୍ୱଂୟ ସହାୟକ ଗୋଷ୍ଠୀର ବ୍ୟାଙ୍କ ଋଣ ଛାଡ଼, ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତା ୨୦୦୦ ଟଙ୍କାକୁ ବୃଦ୍ଧି କରିବାକୁ କଂଗ୍ରେସ ଘୋଷଣା କରିଛି। ଗୃହଲକ୍ଷ୍ମୀ ଯୋଜନାରେ ପ୍ରତି ପରିବାରର ମୁଖ୍ୟ ମହିଳାଙ୍କୁ ମାସିକ ୨୦୦୦ ଟଙ୍କା ଭତା ଏବଂ ଏସ୍‌ସି, ଏସ୍‌ଟି ପରିବାରର ମହିଳାଙ୍କୁ ମାସିକ ୩୦୦୦ ଟଙ୍କା ଦିଆଯିବ। ସେହିପରି ୫୦୦ ଟଙ୍କାରେ ରନ୍ଧନ ଗ୍ୟାସ ସିଲିଣ୍ଡର ପ୍ରଦାନ କରାଯିବ। ରାଜସ୍ଥାନ ଭଳି ଓଡ଼ିଶାରେ ସମସ୍ତଙ୍କୁ ୨୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଯୋଗାଇ ଦେବାକୁ କଂଗ୍ରେସ ପ୍ରତିଶ୍ରୁତି ଦେଉଛି। ଯଦି ଓଡ଼ିଶାରେ କଂଗ୍ରେସ କ୍ଷମତାକୁ ଆସେ ତେବେ ଏମ୍‌ଏସ୍‌ପି, ବିଦ୍ୟୁତ୍ ଦେୟ ଛାଡ଼, ମହିଳାଙ୍କୁ ଭତା, ବେକାରୀ ଭତା ଆଦି ମିଶାଇଲେ ପ୍ରତି ପରିବାର ସିଧାସଳଖ ମାସିକ ୧୦ହଜାର ଟଙ୍କା ପାଇବେ। କେନ୍ଦ୍ରରେ ଇଣ୍ଡିଆ ମେଂଟ ସରକାର ଆସିଲେ ପ୍ରତ୍ୟେକ ସ୍ନାତକ ଓ ଡିପ୍ଲମାଧାରୀ ଯୁବକ ଯୁବତୀଙ୍କ ପ୍ରଥମ ଚାକିରି ପକ୍କା କରାଯିବ। ସେମାନେ ମାସିକ ୮ହଜାର ୩୦୦ ଟଙ୍କା ପାଇବେ। ଅନ୍ୟପକ୍ଷରେ ପରିବାରର ମହିଳାମାନେ ମଧ୍ୟ ୮ହଜାରରୁ ଅଧିକ ଟଙ୍କା ପାଇପାରିବେ। ତେଣୁ ଓଡ଼ିଶାରେ କଂଗ୍ରେସ ଓ କେନ୍ଦ୍ରରେ ଇଣ୍ଡିଆ ମେଂଟ ସରକାର ଆସିଲେ ପ୍ରତ୍ୟେକ ଗରିବ ପରିବାର ନିଶ୍ଚିତ ଭାବେ ମାସିକ ୨୬ ହଜାରରୁ ଅଧିକ ଟଙ୍କା ସିଧାସଳଖ ପାଇପାରିବେ ବୋଲି ଡ. ଅଜୟ କୁମାର କହିଛନ୍ତି ।ନବୀନ ପଟ୍ଟନାୟକଙ୍କ ସରକାର ପଛୁଆ ବର୍ଗଙ୍କୁ ଯେଭଳି ଧୋକା ଦେଇଛନ୍ତି, ତାହା କୌଣସି ସରକାର ଦେଇନାହାନ୍ତି। କାରଣ ପୁରା ଦେଶରେ କେବଳ ଓଡ଼ିଶାକୁ ଛାଡ଼ି ଅନ୍ୟ

## ଚାନ୍ଦବାଲିରେ ମନମୋହନ ସାମଲ ଓ ପୁରନ୍ଦର ମିଶ୍ରଙ୍କର ଧୂଆଁଧାର ପ୍ରଚାର

ଭୁବନେଶ୍ୱର,୨୮।୫(ପି.ଏନ): ଚାନ୍ଦବାଲିଠାରେ ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ତଥା ଏଠାକାର ଦଳୀୟ ପ୍ରାର୍ଥୀ ମନମୋହନ ସାମଲ ଏବଂ ଛତିଶଗଡ଼ ରାଜ୍ୟ ବିଜେପି ପକ୍ଷରୁ ଓଡ଼ିଶା ନିର୍ବାଚନ ପାଇଁ ନିଯୁକ୍ତ ସହ-ପ୍ରଭାରୀ ଓ ରାୟପୁର ନଗର ଉତ୍ତରର ବିଧାୟକ ପୁରନ୍ଦର ମିଶ୍ର ମିଳିତ ଭାବେ ଧୂଆଁଧାର ପ୍ରଚାର କରିଥିବା ଜଣାଯାଇଛି। ଉଭୟ ଶ୍ରୀ ସାମଲ ଓ ଶ୍ରୀ ମିଶ୍ର ନିର୍ବାଚନୀ ଜନସଭାମାନଙ୍କୁ ସମ୍ବୋଧନ କରିବା ସାଙ୍ଗକୁ ବିଶାଳକାୟ ରୋଡ଼ଶୋ କରି ଦଳର ସପକ୍ଷରେ ଜନମତ ଜାଗ୍ରତ କରିବା ପାଇଁ ଜୋରଦାର ଉଦ୍ୟମ କରିଥିବା ଦେଖାଯାଇଥିଲା ।ଦଳର ଚିହ୍ନ ପଦ୍ମ ଫୁଲ, ପୋଷ୍ଟର, ବ୍ୟାନର, ପତାକା ଏବଂ ଉତ୍ତରୀୟ ଆଦି ଧାରଣ କରି ସହସ୍ରାଧିକ କର୍ମୀ, ସମର୍ଥକ ଓ ଶୁଭେଚ୍ଛୁ ଏହି ପ୍ରଚାର ଅଭିଯାନରେ ସାମିଲ ହୋଇ ସମଗ୍ର ପରିବେଶକୁ ଗୈରିକ ସ୍ୱରୂପ ପ୍ରଦାନ କରିବାର ଦୃଶ୍ୟ ବେଶ ମର୍ମସ୍ପର୍ଶୀ ଥିଲା। ଏହି ଅବସରରେ ବିଭିନ୍ନ ପଥପ୍ରାନ୍ତ ସଭାରେ ଭାଷଣ ଦେଇ ପୁରନ୍ଦର ମିଶ୍ର ଓଡ଼ିଶାରେ ଏଥର ନିରଙ୍କୁଶ ସଂଖ୍ୟା ଗରିଷ୍ଠତାର ସହିତ ବିଜେପି ସରକାର ଗଢ଼ିବ ଏବଂ ଲୋକସଭାର ସମସ୍ତ ୨୧ଟି ଯାଙ୍କ ଆସନ ହାସଲ କରିବ ବୋଲି ଘୋଷଣା କରିଥିଲେ। ରାଜ୍ୟରେ ପରିବର୍ତ୍ତନର ବତାସ ବହୁଥିବା ସେ ସୁଚାଇ ଥିଲେ ।ନିରିହ ଓଡ଼ିଶାବାସୀ ଦୀର୍ଘ ୨୫ବର୍ଷ ଧରି ନବୀନ ପଟ୍ଟନାୟକଙ୍କର ଭ୍ରଷ୍ଟାଚାରୀ ସରକାରକୁ ସହ୍ୟ କରିବା ପରେ ଏବେ ଅତିଷ୍ଠ ହୋଇଉଠିଥିବା ଶ୍ରୀ ମିଶ୍ର ଉଲ୍ଲେଖ କରିଥିଲେ। ବିଜୁ ଜନତା ଦଳର ସରକାର ରାଜ୍ୟର ଜନସାଧାରଣଙ୍କର ହକ୍ ଓ ଅଧିକାରକୁ କ୍ରମାଗତ ଭାବେ ବଞ୍ଚିତ କରି ସେମାନଙ୍କର ଭାବନା ସହିତ ଖେଳ ଖେଳିବାର ଅପଚେଷ୍ଟା କରିଥିବା ସେ ଦର୍ଶାଇଥିଲେ। ଏଣୁ ଏଥର ରାଜ୍ୟର ଜନତା ଅପାରଗ ନବୀନ ପଟ୍ଟନାୟକଙ୍କର ଅପଦାର୍ଥ ଶାସନକୁ ବଦଳାଇବା ପାଇଁ ମନ ସ୍ଥିର କରିଥିବା ଶ୍ରୀ ମିଶ୍ର ସୁଚାଇଥିଲେ। ଏଠାକାର ଲୋକମାନଙ୍କର, ପ୍ରଧାନମନ୍ତ୍ରୀ ମୋଦୀଙ୍କର ଗ୍ୟାରେଣ୍ଟି ଉପରେ ସମ୍ପୂର୍ଣ୍ଣ ଆସ୍ଥା ରହିଥିବାରୁ ସେମାନେ ଏଠାରେ ବିଜେପି ସରକାର ପ୍ରତିଷ୍ଠା କରି ଓଡ଼ିଶାରେ ନବନିର୍ମାଣ ଯୁଗର ଅୟମାରମ୍ଭ କରିବାକୁ ବଦ୍ଧପରିକର ଥିବା ସେ କହିଥିଲେ। ଜୁନ ୧୦ ତାରିଖରେ ଭୁବନେଶ୍ୱର ଠାରେ ଶପଥ ନେବାକୁ ଯାଉଥିବା ନୂଆ ବି.ଜେ.ପି ସରକାର ଚାଷୀ,ମହିଳା, ଯୁବସମ୍ପ୍ରଦାୟ ଏବଂ ଗରୀବଗୁରୁବାଙ୍କର ସର୍ବାଙ୍ଗୀନ କଲ୍ୟାଣ ଦିଗରେ ବିଶେଷ ଧ୍ୟାନ ଦେବ ବୋଲି ଶ୍ରୀ ମିଶ୍ର ଭରସା ପ୍ରଦାନ କରିଥିଲେ ।ପ୍ରାର୍ଥୀ ମନମୋହନ ସାମଲ ତାଙ୍କର ଉଦବୋଧନରେ ଦୀର୍ଘ ୨୫ବର୍ଷ ହେଲା ବିଜେଡିର ଶାସନ କାଳରେ ଚାନ୍ଦବାଲି ବ୍ୟାପକ ଅବହେଳାର ଶୀକାର ହୋଇଥିବା ଉଲ୍ଲେଖ କରିଥିଲେ ।ଚାନ୍ଦବାଲିର ଭାଗ୍ୟଦ୍ୟୋୟ ପାଇଁ ଚଳିତ ନିର୍ବାଚନ ଅପୂର୍ବ ସୁଯୋଗ ଆଣିଦେଇଥିବା ସେ କହିଥିଲେ। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆସିଲେ ଚାନ୍ଦବାଲି ବିକାଶର ଶୀଖରକୁ ଛୁଇଁବା ସ୍ୱତଃସିଦ୍ଧ ବୋଲି ଶ୍ରୀ ସାମଲ ଦମ୍ଭ ପ୍ରକାଶ କରିଥିଲେ। ପୁରନ୍ଦର ମିଶ୍ର ସୁଦୂର ଛତିଶଗଡ଼ ରାଜ୍ୟରୁ ଆସି ଓଡ଼ିଶାର ବିଭିନ୍ନ ଜିଲ୍ଲାରେ




## ରାଜ୍ୟରେ ପୁଣି ୪୫ ଡିଗ୍ରୀ ଡେଇଁଲା ତାତି, ୪୬ ପାଖାପାଖି ହେଲା

ଭୁବନେଶ୍ୱର,୨୮।୫(ପି.ଏନ): ବେଶ୍ କିଛି ଦିନର ବ୍ୟବଧାନ ପରେ ଆଜି ରାଜ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ସେଲ୍‌ସିୟସ ଅତିକ୍ରମ କରିଛି। ତିନିଟି ସହରର ତାପମାତ୍ରା ୪୫ ଡିଗ୍ରୀ ବା ତା' ଉପରେ ରେକର୍ଡ କରାଯାଇଛି। ବୌଦ୍ଧ ପାଲଟିଛି ରାଜ୍ୟର ସବୁଠୁ ଉତ୍ତପ୍ତ ସହରର। ଏଠାରେ ଆଜି ଦିନର ସର୍ବୋଚ୍ଚ ତାପମାତ୍ରା ୪୫.୯ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ସୋନପୁରରେ ୪୫.୩ ଓ ଟିଟିଲାଗଡରେ ୪୫ ଡିଗ୍ରୀ ରେକର୍ଡ କରାଯାଇଛି ।ଝାରସୁଗୁଡା, ସମ୍ବଲପୁର ଓ ବଲାଙ୍ଗିରରେ ତାପମାତ୍ରା ୪୪ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ଭବାନୀପାଟଣାରେ ୪୪ ଡିଗ୍ରୀ ସେଲ୍ ?ସିୟସ ରହିଛି। ଝାରସୁଗୁଡାରେ ଆଜି ଦିନର ସର୍ବୋଚ୍ଚ ତାପମାତ୍ରା ୪୪.୮ ଡିଗ୍ରୀ ରହିଥିବା ବେଳେ ସମ୍ବଲପୁରରେ ୪୪.୬ ଓ ବଲାଙ୍ଗିରରେ ୪୪.୫ ଡିଗ୍ରୀ ରହିଛି ।ହୀରାକୁଦରେ ତାପମାତ୍ରା ୪୩.୬ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀରେ ୪୩.୩, ନୂଆପଡାରେ ୪୩, ତାଳଚେରରେ ୪୨.୨, ବରଗଡରେ ୪୨.୨, ମାଲକାନଗିରିରେ ୪୧.୬, ସୁନ୍ଦରଗଡରେ ୪୧.୬, ପାରଳାଖେମୁଣ୍ଡିରେ ୪୧.୫, ଅନୁଗୋଳରେ ୪୧.୧ ଓ ନୟାଗଡରେ ୪୦.୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଭୁବନେଶ୍ୱରରେ ଆଜି ଦିନର ସର୍ବୋଚ୍ଚ ତାପମାତ୍ରା ୩୯.୪ ଡିଗ୍ରୀ ରହିଥିବା ବେଳେ ଖୋର୍ଦ୍ଧାର ୩୯, ରାୟଗଡାରେ ୩୯.୬, ଢେଙ୍କାନାଳରେ ୩୯.୩, ନବରଙ୍ଗପୁରରେ ୩୮.୫, କେନ୍ଦୁଝରରେ ୩୮.୨ ଓ କଟକରେ ୩୮ ଡିଗ୍ରୀ ସେଲ୍ ?ସିୟସ ରେକର୍ଡ କରାଯାଇଛି।










# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ବେଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ “ସାକ୍ଷୀଗୋପାଳନାଟକ ସଂଘ” ଓ ୧୯୩୯ରେ “ଓଡିଶା ଥିଏଟର୍ସ” ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର ‘ଭରତ ମୁନି’ ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦ୍ରଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶୋଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର



ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।

## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ



ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ । କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ । ତା’ ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ । ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି । ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ । ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି



ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର



ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।

## ଚା’ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା’ ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା’ ତିଆରି ସମୟରେ ଭୁଲ ବଶତଃ ଚା’ ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା’ ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା’ ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ୍ୟ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ପାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୪, ମଇ ୨୯**

# ସାମ୍ପ୍ରତିକ ପରିସ୍ଥିତିରେ ଭାରତର ରାଜନୀତିକ ଦଳ ଓ ନିର୍ବାଚନ



ଡ଼. କପିଳେନ୍ଦ୍ର ଦାସ

ଭାରତ ଏକ ବହୁ ରାଜନୀତିକ ଦଳୀୟ ଓ ସଂସଦୀୟ ଗଣତନ୍ତ୍ର । ଗଣତନ୍ତ୍ର ଅର୍ଥ ଲୋକ ଶାସନ । ଦେଶ ଜନସାଧାରଣଙ୍କ ଦ୍ୱାରା ଶାସିତ ହେବା ପ୍ରକ୍ରିୟାକୁ ଗଣତନ୍ତ୍ର ଶାସନ କୁହାଯାଏ । ଆମେରିକା ପ୍ରସିଦ୍ଧ ରାଷ୍ଟ୍ରପତି ଆବ୍ରାହମ ଲିଙ୍କନଙ୍କ ମତରେ ଗଣତନ୍ତ୍ର ହେଉଛି- ଲୋକ ମାନଙ୍କର, ଲୋକ ମାନଙ୍କ ଦ୍ୱାରା ଓ ଲୋକ ମାନଙ୍କ ପାଇଁ, କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ଭାରତର ଗଣତନ୍ତ୍ର ହେଉଛି- ରାଜନୀତିକ ଦଳ ମାନଙ୍କର, ରାଜନୀତିକ ଦଳ ମାନଙ୍କ ଦ୍ୱାରା, ଓ ରାଜନୀତିକ ଦଳ ମାନଙ୍କ ପାଇଁ । ଆଜିର ଦିନରେ ଆମର ରାଜନେତାମାନେ ଭାରତର ଗଣତନ୍ତ୍ରକୁ ଏକ ପାଲଭୁତ କରିସାରିଲେଣି ।

ଗଣତନ୍ତ୍ରରେ ରାଜନୀତିକ ଦଳ ମାନେ ହେଉଛନ୍ତି ରାଜନୈତିକ ଶକ୍ତିର ଉତ୍ସ । ପ୍ରକୃତରେ ରାଜନୀତି ଏକ ମିଶନ ଥିଲା କିନ୍ତୁ ବ ର୍ତ୍ତମାନ ଏହା ଭାରତରେ ପ୍ରଫେସନ ବ୍ୟବସାୟରେ ପରିଣତ ହୋଇସାରିଛି । ରାଜନୀତିକ ଦଳ ସବୁ ନିର୍ବାଚନ ଜିଣି ପଦବୀ, କ୍ଷମତା ହାସଲ କରିବା ସହିତ ଶାସନର ମ ଦଖଲ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ । ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ରରେ ରାଜନୀତିକ ଦଳର ଭୂମିକା ବିଶେଷ ପ୍ରଣିଧାନ ଯୋଗ୍ୟ । ଭାରତରେ ଅନେକ ଜାତୀୟ ଓ ଆ ଳିକ ଚିହ୍ନିତ ରାଜନୀତିକ ଦଳ ଅଛନ୍ତି । ସେହି ଦଳଗୁଡିକର ରୀତି, ନୀତି,ଆଦର୍ଶ ଓ କାର୍ଯ୍ୟ ପଦ୍ଧତି ଉପରେ ଭାରତର ଭାଗ୍ୟ ନିର୍ଭର କରେ । ରାଜନୀତିକ ଦଳ ଗୁଡିକର ମହାନ ଆଦର୍ଶରେ ଦେଶ ହୁଏ ମହିୟାନ । ରାଜନୀତିକ ଦଳ ଓ ରାଜନେତା ମାନଙ୍କର ପରମ କ ର୍ତ୍ତବ୍ୟ ଦେଶର ଜନସାଧାରଣଙ୍କୁ ସେମାନଙ୍କର ନୀତି ଓ ଆଦର୍ଶ ସଂପର୍କରେ ଅବହିତ କରିବା, ଦେଶର ପରିସ୍ଥିତି ସଂପର୍କରେ ସଚେତନ କରିବା । ଜନସାଧାରଣଙ୍କ ନାମରେ ରାଜନୀତିକ ଦଳ ପରିଚାଳିତ । ଅଥଚ ଜନତା ଶୋଷିତ ଓ ନିର୍ଯ୍ୟାତିତ । ଦେଶ ଅବହେଳିତ । ଭାରତରେ ଅନେକ ରାଜନୀତିକ ଦଳ ଅଛନ୍ତି କିନ୍ତୁ ସମସ୍ତଙ୍କର ରାଜନୀତି ଏକ । ଭାରତର ଗଣତନ୍ତ୍ରରେ ସାଧାରଣ ଜନତା ମାଲିକ କିନ୍ତୁ ଶାସନ ଚାଲେ ରାଜନୀତିକ ଦଳଙ୍କର । ଦଳୀୟ ନେତାମାନେ ହେଉଛନ୍ତି ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥାର ଲୋକ ପ୍ରତିନିଧି ।

ରାଜନୀତି ସମାଜର ଶ୍ରେଷ୍ଠ ନୀତି । ଗଣତାନ୍ତ୍ରିକ ଶାସନ ପଦ୍ଧତି ସର୍ବୋତ୍କୃଷ୍ଟ ଶାସନ ପଦ୍ଧତି । କିନ୍ତୁ ସମ୍ପ୍ରତିକ ପରିସ୍ଥିତିରେ ଭାରତର ରାଜନୀତି-ରାଜନୀତିକଦଳ-ନିର୍ବାଚନ ଆଦି ଭାରତ ଆକାଶରେ କଳଙ୍କିତ ସୂର୍ଯ୍ୟ ସଦୃଶ । ଆଲୋକ ଅଛି କିନ୍ତୁ ଦୀପ୍ତି ନାହିଁ । ସବୁଠି କେବଳ ଗୋଟାଏ କଳାଛାଇ । ରାଜନୀତିକଦଳ ମାନଙ୍କର ଯୋଗୁଁ ହିଁ ସାମ୍ପ୍ରତିକ ପରିସ୍ଥିତିରେ ସାଂପ୍ରଦାୟିକ ଧର୍ମଗତ ଓ ଜାତିଗତ ସଂଘର୍ଷ ଓ ମାଗଣା ଇସ୍ତାହାର ତଥା ଦ୍ୱନ୍ଦ ଭାରତୀୟ ରାଜନୀତିକୁ କଳୁଷିତ କରୁଛି । ଏହା ସମଗ୍ର ଭାରତରେ ବିଭିନ୍ନ ରୂପରେ ଆତ୍ମପ୍ରକାଶ କରୁଛି । ଏହା ସମସ୍ତେ ଜାଣନ୍ତି ।

ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ବିରୋଧିଦଳର ଭୂମିକା ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଶାସନରେ ଏକାଧିକଦଳ ଗଢ଼ିବାର ପୂର୍ଣ୍ଣସ୍ୱାଧିନତା ରହିଥିବାରୁ ବ ର୍ତ୍ତମାନ ଭାରତରେ ବହୁଜାତୀୟ ଓ ଆ ଳିକ ରାଜନୀତିକଦଳ ଗଢ଼ି ଉଠିଛି । ଦୁଃଖର ବିଷୟ ଏହି ରାଜନୀତିକଦଳ ଗୁଡିକ କୌଣସି ସାର୍ବଜନୀକ ମହ ୍ ଆଦର୍ଶ ଉପରେ ପ୍ରତିଷ୍ଠିତ ନ ହୋଇ ଅଧିକାଂଶ କ୍ଷେତ୍ରରେ ବ୍ୟକ୍ତିଗତ ଖିଆଲ, ଖୁସିର ଖେଳଣା ହୋଇ ମୁଣ୍ଡଟେକୁଛନ୍ତି । ଫଳରେ ଏମାନଙ୍କ ମଧ୍ୟରେ ନିୟତା ପ୍ରତିଦ୍ୱନ୍ଦିତା ଲାଗି ରହିଛି । ଉଭୟ ଶାସକ ଦଳ ଓ ବିରୋଧିଦଳ ନିର୍ବାଚନ ସମୟରେ ମାଗଣା ସାମଗ୍ରୀ ବ ନ ( ଫୋନ, ଟିଭି, କୁଲର, ଲାପଟପ, ରାସନ ସାମଗ୍ରୀ, ଅଳଙ୍କାର, ଇତ୍ୟାଦି) ଟଙ୍କାଲା ଓ ମିଥ୍ୟା ପ୍ରତିଶୃତି ଦେବାରେ ମଧ୍ୟ ପ୍ରତିଦ୍ୱନ୍ଦିତା କରୁଛନ୍ତି କେବଳ ଭୋଟରଙ୍କୁ ପ୍ରଭାବିତ କରିବାପାଇଁ ।

ଭାରତରେ ରାଜନୀତିକଦଳମାନେ ହିଁ ସକଳ ଆନ୍ଦୋଳନ ପାଇଁ ଦାୟୀ । ସେମାନଙ୍କର ମଧ୍ୟରେ ସଂହତି ନାହିଁ, କେବଳ ଅଛି ସଂଘର୍ଷ । ବାହାରକୁ ହରିନାମ ଗାଇ ଭିତରେ ଛୁରୀ ଚଳାଇବାପରି, ବାହାରକୁ ଜାତୀୟ ସଂହତି କଥା କହି ଭିତରେ ଭିତରେ ରାଜନୀତିର ଫାଇଦା ପାଇଁ ସଂଘର୍ଷ ଓ ବିଭେଦ ସୃଷ୍ଟି କରୁଛନ୍ତି । ନେତାମାନେ ଧର୍ମର ଭାଷଣ ଦିଅନ୍ତି ଅଧର୍ମ କାମ କରନ୍ତି । ସତ୍ୟର ଭାଷଣ ଦିଅନ୍ତି ଅସତ୍ୟ କାମ କରନ୍ତି । ନୀତିର କଥା କହନ୍ତି, ଅନୀତି କାମ କରନ୍ତି । ଏପରି କରିବା ଏମାନଙ୍କର ପ୍ରବୃ ି ଓ ପ୍ରକୃତି । ଏହି ରାଜ ନେତାମାନେ ରାଜନୀତିକୁ ଏକ ପେଷା ବା ବ୍ୟବସାୟ ଭାବେ ବିବେଚନା କରନ୍ତି, ସେମାନେ ଯେକୌଣସି ଉପାୟରେ ନିର୍ବାଚନ ଜିତିବାକୁ ପ୍ରୟାସ କରନ୍ତି । ଏହାହିଁ ନିର୍ବାଚନୀ ହିସାଂର ମୁଖ୍ୟ କାରଣ । ସବୁ ରାଜନୀତିକ ଦଳ ପଦବୀ ଓ ଗାଦି ପାଇଁ ପାଗଳ । କେବଳ ନ୍ୟସ୍ତ ସ୍ୱାର୍ଥନେଇ ବିଭିନ୍ନ ରାଜନୀତିକ ଦଳ ଗଠନ କରି ଯେକୌଣସି ଉପାୟରେ କ୍ଷମତାକୁ ଆସିବା ଦେଶ ପକ୍ଷରେ ଘୋର ଅନିଷ୍ଟକର । ଏଥିପାଇଁ ସାବଧାନ ହେବା ସର୍ବାଦୌ କ ର୍ତ୍ତବ୍ୟ । ଯେତେବେଳେ ଗୋଟିଏ ଦଳରୁ ଟିକେଟ ମିଳିବାର ସମ୍ଭାବନା ଥାଏ ଏବଂ ସେହିଦଳ କ୍ଷମତାକୁ ଆସିବାର ସମ୍ଭାବନା ନାହିଁ ସେତିକିବେଳେ ଜଣେନେତା ଆଉ ଗୋଟିଏ ଦଳକୁ ଡେଇଁ ପଡୁଛନ୍ତି । ନିର୍ବାଚନରେ ଭାଗ ନେବା ଓ ଲଢ଼ିବା ଲାଗି ଯେନତେନ ପ୍ରକାରେଣ ଦଳଠାରୁ ଟିକେଟ ଖଣ୍ଡିଏ ହାତେଇ ପାରିଲେ ହେଲା । ଭାରତର ରାଜନୀତିକଦଳ ମଧ୍ୟରେ ଦଳବଦଳ ଏକ ମାରାତ୍ମକ ବ୍ୟାଧିରୂପେ ଦେଖା ଦେଇଛି । ଏହା ଗଣତନ୍ତ୍ର ପ୍ରତି ଅନୁକୂଳ ନୁହେଁ । ଏହି ଦଳବଦଳ ନୀତିକୁ ଆଦୌ ପ୍ରଶ୍ରୟ ଦିଆଯିବା ଉଚିତ ନୁହେଁ ।

ଏକ ଦୃଢ଼ ଏବଂ ସଶକ୍ତ ଗଣତାନ୍ତ୍ରିକ ବ୍ୟବସ୍ଥାର ମେରୁଦଣ୍ଡ ହେଉଛି ନିର୍ବାଚନ । ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ଏକ ପବିତ୍ର କର୍ମ । ଯଦିଓ ଭାରତ ଗଣତାନ୍ତ୍ରିକ ରାଷ୍ଟ୍ର ଅଥଚ ଆଜି ଭାରତର ନିର୍ବାଚନ କଳଙ୍କିତ । କ୍ଷମତା ଲୋଭରେ ରାଜନୀତିକ ଦଳଗୁଡିକ ଅନ୍ୟାୟ, ଅତ୍ୟାଚାର ଓ ଦୁର୍ନୀତି କରିଚାଲିଛନ୍ତି । ଇଲେକଟୋରାଲ ବଣ୍ଡ ଏହାର ଜ୍ୱଳନ୍ତ ଉଦାହରଣ । ଭାରତର ଗଣତନ୍ତ୍ର ସଂକଟରେ । ଏଥିପାଇଁ କ'ଣ ରାଜନୀତିକଦଳ ଗୁଡିକ ଦାୟୀ ନୁହନ୍ତି କି? ରାଜନୀତିର ଭୟାବହତା ଦେଖାଯାଉଛି । ଏହା ଦ୍ୱାରା ଦେଶର ଗତି ତଳକୁ ତଳ ହେଉଛି ଏକଥା କିଏ ଚିନ୍ତା କରୁଛି ?

ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଭାରତରେ ଏବେ ସାଧାରଣ ନିର୍ବାଚନ ଚାଲିଛି । ଏହା ପୁଣି ଶେଷ ପର୍ଯ୍ୟାୟରେ । ଗଣତନ୍ତ୍ରର ଚକକୁ ଗତିଶୀଳ କରୁଥିବା ପ୍ରକ୍ରିୟା ହେଉଛି- ମତଦାନ । ସଂପ୍ରତି ଭାରତର ଏହା ଅଷ୍ଟାଦଶ ସାଧାରଣ ନିର୍ବାଚନ । ଏହି ନିର୍ବାଚନ ବିଶ୍ୱର ସବୁଠୁ ବ୍ୟୟ ବହୁଳ ନିର୍ବାଚନ । ଏହି ନିର୍ବାଚନରେ ପ୍ରାୟ ଖର୍ଚ୍ଚହେବ ୧ଲକ୍ଷ ୩୦ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା । ପ୍ରତ୍ୟେକ ଭୋଟର ପିଛା ଖର୍ଚ୍ଚ ହେଉଛି ୧୪୦୦ ଟଙ୍କା । ଦିନକୁ ଦିନ ଭାରତରେ ନିର୍ବାଚନ ବ୍ୟୟ ବହୁଳ ହୋଇପଡୁଛି । ନିର୍ବାଚନ କମିସନ କେବଳ ପ୍ରାର୍ଥୀମାନଙ୍କର ଖର୍ଚ୍ଚସୀମାକୁ ଧାର୍ଯ୍ୟ କରିଛନ୍ତି କିନ୍ତୁ ରାଜନୀତିକ ଦଳମାନଙ୍କର ଖର୍ଚ୍ଚସୀମାକୁ ନିର୍ବାଚନ ସମୟରେ ଧାର୍ଯ୍ୟ କରି ନାହାନ୍ତି । ଏହାହିଁ ଦୁଃଖର ବିଷୟ ।

ଏହି ସାଧାରଣ ନିର୍ବାଚନରେ ସବୁ ରାଜନୀତିକଦଳ ପକ୍ଷରୁ ଯେଉଁଭଳି ନିର୍ବାଚନ ପ୍ରଚାରର ଘୋର ପ୍ରତିଯୋଗିତା ଚାଲିଛି ତାହା ବେଶ ନିନ୍ଦନୀୟ ଓ ଦୁଃଖକର । ନିର୍ବାଚନରେ ଚରିତ୍ର ସଂହାର, ବ୍ୟକ୍ତିଗତ ଆକ୍ଷେପ ଓ ପ୍ରତି ଆକ୍ଷେପ, ହିଂସାତ୍ମକ ଆକ୍ରମଣ ଓ ପ୍ରତି ଆକ୍ରମଣ ଚାଲିଛି । ଅପରପକ୍ଷରେ ଭାଷା, ଧର୍ମ ଓ ଜାତି ଆଦିକୁ ଅସ୍ତ୍ରକରି ଭୋଟ ବ୍ୟାଙ୍କ ସୃଷ୍ଟି କରିବା ଅର୍ଥାତ ଭାରତର ଗଣତନ୍ତ୍ରକୁ ହତ୍ୟା କରିବା । ଭୟ-ଆତଙ୍କ-ସଂଘର୍ଷ-ହିଂସା ଓ ହତ୍ୟାର ବିଭୀଷିକା ମଧ୍ୟରେ ଆଜିର ନିର୍ବାଚନ ଚାଲିଛି ଭାରତରେ । ହାଇପ୍ରୋଫାଇଲ ପ୍ରଚାର, ରୋଡସୋ, ରାଲି, ସଭାସମିତି, ହାଇଭୋଲଟେଜ୍ ପ୍ରଚାରରେ ଭାରତର ଗଗନପବନ କମ୍ପୁଛି । ରାଜନେତାଙ୍କର ଆଦର୍ଶ ପରିବର୍ତ୍ତେ ଅର୍ଥଶକ୍ତି ନିର୍ବାଚନକୁ ଜିତିବା ପାଇଁ । ରାଜନେତାଙ୍କର ନିର୍ବାଚନ ପାଇଁ ରାଜନୀତିକ ଦଳ ଜରୁରୀ, ରାଜନେତା ଜରୁରୀ ଓ ନେତାଙ୍କ ପାଇଁ ଭୋଟ ମଧ୍ୟ ଜରୁରୀ । ସେହିପରି ଭୋଟରଙ୍କୁ ହାତେଇବା ପାଇଁ ଓ ଭୁଟେଇବା ପାଇଁ ମାଗଣା ସାମଗ୍ରୀ ବା ିବା, ଟଙ୍କା ବା ିବା, ମଦ ବା ିବା, ଭୋଟରଙ୍କୁ ଲା ୁଆ କରିବା, ଭୋଜିଭାତ ଆୟୋଜନ କରିବା ମଧ୍ୟ ଜରୁରୀ । ମାଗଣା ଦାତା (ନେତା) ଓ ମାଗଣା ଗ୍ରହୀତା (ଭୋଟଦାତା)ଙ୍କ ପରୋକ୍ଷ ସମ୍ମତିରେ ଦେଣନେଣ କାରବାର ବାସ୍ତବରେ ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ଏହା ବିଶେଷ କ୍ଷତିକାରକ । ଏହାର ଭାରତର ଆର୍ଥିକ ଅବସ୍ଥାକୁ ଗଭୀର ଭାବେ ପ୍ରଭାବିତ କରୁଛି । ଏହା ସୁସ୍ଥ ଗଣତାନ୍ତ୍ରିକ ଶାସନର ଲକ୍ଷଣ ନୁହେଁ । ଭାରତର ରାଜନୀତିକ ଦଳମାନେ ସେମାନଙ୍କର ଦଳଗତ ସ୍ୱାର୍ଥ ଓ ନେତାମାନେ ସେମାନଙ୍କର ବ୍ୟକ୍ତିଗତ ସ୍ୱାର୍ଥକୁ ତ୍ୟାଗ କରି ଦେଶର ସମୂହ କଲ୍ୟାଣ ପାଇଁ ମନୋନିବେଶ କଲେ ଭାରତର ଗଣତନ୍ତ୍ର ସୁଦୃଢ଼ ହେବା ସଂଗେ ସଂଗେ ଦେଶ ଉନ୍ନତି ଓ ବିକଶିତ ହେବ ।

*ଭେଲା, ନୂଆପଡା, ୭୬୬୧୦୬*
*ମୋ.ନଂ- ୭୮୯୪୫୨୯୮୦୧*

# ତୁମ ଭୋଟ ତୁମର ପସନ୍ଦ



ବିକ୍ରମ ଦାଶ

ନିର୍ବାଚନରେ ମତଦାନର ମୂଲ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ । ଶତ ପ୍ରତିଶତ ମତଦାନ ହିଁ ଜଣେ ପ୍ରକୃତ ନେତାକୁ ବାଛିଥାଏ । ଏଥିପାଇଁ ସରକାର ଏବଂ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସାଧାରଣ ଲୋକଙ୍କୁ ନିଶ୍ଚିତ ମତଦାନ କରିବା ପାଇଁ ସଚେତନତା କରାଯାଇଥାଏ । ଆମ ଚତୁଃପାର୍ଶ୍ୱରେ ଥିବା ଇଣ୍ଟରନେଟ, ଟିଭି, ବିଭିନ୍ନ ସ୍ଥାନରେ ଲାଗିଥିବା ଏଲଇଡ଼ି, ଖବରକାଗଜ ଭଳି ବିଭିନ୍ନ ଜରିଆରେ ଲୋକ ମାନଙ୍କୁ ଭୋଟ ଦେବ ପାଇଁ ସଚେତନତା କରାଯାଇଥାଏ । ତେବେ ପ୍ରତିଦିନ ଲୋକମାନେ ଚଳପ୍ରଚଳ କରୁଥିବା ବସ ନିକଟରେ ମଧ୍ୟ ଭୋଟ ଦେବାକୁ ଲୋକମାନଙ୍କୁ ସଚେତନତା କରାଯାଉଛି । ମୋ ବସ ଟିକଟରେ 'ତୁମ ଭୋଟ ତୁମ ପସନ୍ଦର' ବୋଲି ଲେଖା ଯାଇ ଲୋକଙ୍କୁ ଭୋଟ ଦେବା ପାଇଁ ସଚେତନ କରାଯାଉଛି । କ୍ୟାପିଟାଲ ରିଜିଓନାଲ ଅର୍ବାନ ଟ୍ରାନ୍ସପୋର୍ଟ ପକ୍ଷରୁ ରାଜ୍ୟରେ ଚାଲୁଥିବା ମୋ ବସଗୁଡ଼ିକରେ ମଧ୍ୟ ଲୋକମାନଙ୍କୁ ଭୋଟ ଦେବା ପାଇଁ ସଚେତନ କରାଯାଉଛି । ଲୋକମାନଙ୍କୁ ଦିଆଯାଉଥିବା ଟିକଟ ତଳେ 'ତୁମ ଭୋଟ ତୁମର ପସନ୍ଦର' ଲେଖି ଦେଉଛନ୍ତି । ଯାହାଦ୍ୱାରା ଲୋକମାନେ ମତଦାନ କେନ୍ଦ୍ର ଯିବା ସହିତ ନିଜର ପ୍ରକୃତ ନେତାକୁ ବାଛି ପାରିବେ । ଜଣେ ସଚେତନ ନାଗରିକ କର୍ତ୍ତବ୍ୟ ପାଳନ କରିପାରିବାର ଉଦ୍ଦେଶ୍ୟକୁ ନେଇ ଏପରି ସଚେତନ କରାଯାଉଛି । ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ନିର୍ବାଚନର ବ୍ୟବସ୍ଥା ରହିଛି । ପ୍ରଥମ ପର୍ଯ୍ୟାୟ ନିର୍ବାଚନ ମେ ୧୩, ଦ୍ୱିତୀୟ ପର୍ଯ୍ୟାୟ ଭୋଟ ମେ ୨୦, ତୃତୀୟ ପର୍ଯ୍ୟାୟ ମେ ୨୫ ତାରିଖ ଏବଂ ଚତୁର୍ଥ ପର୍ଯ୍ୟାୟ ଜୁନ ୧ ତାରିଖରେ ରହିଛି । ସବୁ ଦଳର ପ୍ରାର୍ଥୀମାନେ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି । ତାଙ୍କୁ ଭୋଟ ଦେବା ପାଇଁ ପ୍ରାର୍ଥନା କରୁଛନ୍ତି । ସରକାର ମଧ୍ୟ ପ୍ରତ୍ୟେକ ନାଗରିକ ଯେମିତି ଭୋଟ କେନ୍ଦ୍ରକୁ ଆସି ନିଜର ମତ ବା ଅଧିକାର ସାବ୍ୟସ୍ତ କରିବେ ସେଥିପାଇଁ ସଚେତନତା କରୁଛନ୍ତି । ୨୦୧୯ ସାଧାରଣ ନିର୍ବାଚନରେ ୧ କୋଟି ୬୫ ଲକ୍ଷ ୩୧ ହଜାର ୭୧୨ ଜଣ ପୁରୁଷ ଭୋଟ ଦେଇଥିବାବେଳେ ୧ କୋଟି ୫୭ ଲକ୍ଷ ୧୭ ହଜାର ୭୫୮ ଜଣ ମହିଳା ଭୋଟ ଦେଇଥିଲେ । ମତଦାନ ପ୍ରତିଶତ ୭୨.୯୨ ପ୍ରତିଶତ ହୋଇଥିଲା । ଓଡ଼ିଶାରେ ତିନୋଟି ପର୍ଯ୍ୟାୟ ନିର୍ବାଚନ ଅତିକ୍ରାନ୍ତ ହୋଇସାରିଲାଣି । ସବୁଠି କିନ୍ତୁ ଚିତ୍ର ଓଲଟ ପାଲଟ । ନିର୍ବାଚନ ପୂର୍ବରୁ ଘନ ଘନ ଦଳ ଡିଆଁ ହୋଇଛି । ଶେଷ ପର୍ଯ୍ୟାୟ ନିର୍ବାଚନୀ ହେଉଥିବା ଛଅ ଲୋକସଭା ଆସନରେ ଏଥର ଅଙ୍କ ପୁରା ଗୋଳମାଳ । ତେବେ ଓଡ଼ିଶାରେ ନବୀନ ବାବୁଙ୍କ ବିଜେଡ଼ିର ଲହର ତେଜୀୟାନ ଅଛି ।

ବିଜେଡ଼ି ପରି ଏକ ଶକ୍ତିଶାଳୀ ଆଞ୍ଚଳିକ ଦଳ ପାଞ୍ଚ ପାଞ୍ଚ ଥର ଶାସନ ଗାଦିରେ ରହିବା କମ ବଡ଼ କଥାନୁହେଁ । ବିଜେଡ଼ିର ଅସଲ ଭୋଟବ୍ୟାଙ୍କ କେବଳ ମହିଳା ସ୍ୱୟଂ ସହାୟକ ସଂଗଠନ ନୁହେଁ, ଯୁବବର୍ଗ, ବୁଦ୍ଧିଜୀବୀମାନେ ନବୀନ ବାବୁଙ୍କ ସୁଶାସନରେ ମୋହର ମାରୁଛନ୍ତି । ମହିଳା ସଶକ୍ତିକରଣ ପାଇଁ ବିଜେଡ଼ି ସରକାର ଯେଉଁ ମିଶନ ଶକ୍ତି ବା ଏସଏଚଜି ବ୍ୟବସ୍ଥା କରିଛି ତାହା ବର୍ତ୍ତମାନ ବୃଦ୍ଧି ପାଇ ୬,୦୨,୦୧୩ରେ ପହଞ୍ଚିଛି । ବାସ୍ତବ କଥା ହେଉଛି ଗଣତନ୍ତ୍ରରେ ଭଲ ଯୋଜନାଟିଏ କାର୍ଯ୍ୟକାରୀ କରି ତାହାକୁ ଆଗକୁ ବଢ଼ାଇଲେ ଓ ନିୟମିତ ପ୍ରୋତ୍ସାହନ ଦେଲେ ସେଥି ସହିତ ସମ୍ପୃକ୍ତ ହିତାଧିକାରୀଙ୍କ ସରକାରଙ୍କ ପ୍ରତି ଦରଦ ଓ ସମର୍ଥନ ରହେ । ଓଡ଼ିଶାରେ ୫ଟି ରୂପାନ୍ତରଣରେ ବ୍ୟାପକ ବିକାଶ ହୋଇଛି । ଚଳିତ ଥର ବିଜେଡ଼ି ଇସ୍ତାହାରରେ ଏଥର ଆଉ କେତେକ ଭଲ ପ୍ରତିଶ୍ରୁତି ମଧ୍ୟ ଦିଆଯାଇଛି । ଉପଭୋକ୍ତାମାନଙ୍କୁ ମାସିକ ୧୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି, ନୂଆ ଓ ଛାତ୍ରବୃତ୍ତି ପରିମାଣ ବୃଦ୍ଧି, ଯୁବବର୍ଗଙ୍କ ପାଇଁ ସ୍ୱତନ୍ତ୍ର ବଜେଟ, ଓଡ଼ିଆ ଭାଷା, ସଂସ୍କୃତି ଓ ଐତିହ୍ୟ ପାଇଁ ୧୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି ନିର୍ମାଣ ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଠିକା କର୍ମଚାରୀ, ସରକାରୀ କର୍ମଚାରୀ ଓ ମଧ୍ୟବିତ୍ତ ବର୍ଗଙ୍କୁ ସାମିଲ ଇତ୍ୟାଦି । ନବୀନ ବାବୁ କଥା ଅପେକ୍ଷା କାମରେ ଅଧିକ ବିଶ୍ୱାସ କରନ୍ତି । ସେ ଥରେ ଯେଉଁ ସଂକଳ୍ପ ନିଅନ୍ତି, ତାହାକୁ ଅଚିରେ ଯେ ପୂରଣ କରନ୍ତି ଏ ଅଭିଜ୍ଞତା ଓଡ଼ିଶାବାସୀଙ୍କର ରହିଛି । ଏଥର ନିର୍ବାଚନରେ ସେ ମିଶନ ଶକ୍ତିର ମହିଳା, ଯୁବ ବର୍ଗ, ସାଧାରଣ ଜନତାଙ୍କ ସୁଖ ସୁବିଧା ପାଇଁ ଯେଉଁ ସଂକଳ୍ପ ନିର୍ବାଚନ ଇସ୍ତାହାରରେ ଘୋଷଣା କରିଛନ୍ତି, ତାହା ସ୍ୱାଗତଯୋଗ୍ୟ । ନିର୍ବାଚନରେ ସଫଳତା ପାଇଁ ଆସନ୍ତା ସମୟ ପାଇଁ ନିଆଯାଇଥିବା ପ୍ରତିଶ୍ରୁତି ଜନାଦେଶକୁ ଯେତିକି ପ୍ରଭାବିତ କରେ, ବିଗତ ଶାସନ କାଳମାନଙ୍କରେ ରାଜନୈତିକ ଦଳର କାର୍ଯ୍ୟର ରେକର୍ଡ଼ ସମ ପରିମାଣରେ ଭୋଟରମାନଙ୍କୁ ପ୍ରଭାବିତ କରେ । ଓଡ଼ିଶାର ବହୁ ପ୍ରଶଂସିତ ମିଶନ ଶକ୍ତି କାର୍ଯ୍ୟକ୍ରମ ଏହିଭଳି ଏକ ଯୁଗ ପ୍ରବର୍ତ୍ତକ ଅଭିଯାନ । ବିଜେଡ଼ି ଦିନକୁ ଦିନ ଓଡ଼ିଶାରେ ବେଶ ଶକ୍ତିଶାଳୀ ହେବା ସହ ଉପକୂଳବର୍ତ୍ତୀ ଜିଲ୍ଲାରେ ସଫଳ ଓ ଆଖିଦୃଶିଆ ନିଶ୍ଚିନ୍ତ ବିଜୟ ପାଇବ । ଯାଜପୁର ଜିଲ୍ଲା ହେଉଛି ବିଜେଡ଼ି ଦଳର ଅଭେଦ୍ୟ ଦୁର୍ଗ । ଚଳିତଥର ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ଦଳ ବର୍ଷା ପ୍ରିୟଦର୍ଶିନୀଙ୍କୁ ପ୍ରାର୍ଥୀ କରିଛି ଓ ତାଙ୍କ ଜିତାପଟ ନିଶ୍ଚିନ୍ତ । ବିଜେଡ଼ି ନିଜ ଭୋଟ ବ୍ୟାଙ୍କ ବ୍ୟବସ୍ଥାକୁ ଯେଉଁପରି ଭାବରେ ସୁଦୃଢ଼ କରିଛି ଓ ସର୍ବୋପରି ଏସଏଚଜି ତଥା ମିଶନ ଶକ୍ତିକୁ ଏକ ପ୍ରଭାବୀ ଓ ସଫଳ ଅନୁଷ୍ଠାନରେ ପରିଣତ କରିପାରିଛି ଏହା ହେଉଛି ବିଜେଡ଼ିର ବିଜୟ ଗ୍ୟାରେଣ୍ଟି । ସମକାଳୀନ ଓଡ଼ିଶାର ଅନେକଗୁଡ଼ିଏ ସ୍ମାର୍ଟ ପରିଚୟ ମଧ୍ୟରେ ମିଶନ ଶକ୍ତି ଅନ୍ୟତମ । ଶାସକ ବିଜେଡ଼ି ଦଳର ସଦ୍ୟତମ ନିର୍ବାଚନ ଇସ୍ତାହାରରେ ମର୍ଯ୍ୟାଦାପୂର୍ଣ୍ଣ ସ୍ଥାନ ପାଇବା ଦ୍ୱାରା ମିଶନ ଶକ୍ତି ଆଧୁନିକ ଓଡ଼ିଶା ବିକାଶର ଏକ ବିଶିଷ୍ଟ ଅକ୍ଷପଥ ହୋଇ ଉଭା ହେବ । ଗଣତନ୍ତ୍ରରେ ନିର୍ବାଚନର ଅନେକ ଗୁରୁତ୍ୱ ରହିଛି । ତେଣୁ ଜଣେ ଜାଗ୍ରତ ଭାରତୀୟ ଭାବେ ନିଜ ଦାୟିତ୍ୱ ନିର୍ବାହ କରି ନିଜର ମୂଲ୍ୟବାନ ଭୋଟ ଯେପରି ଆମ୍ଭେମାନେ ସାବ୍ୟସ୍ତ କରିବା ।

*ରୋଟାରୀ କ୍ଲବ, କଟକ - ବାରବାଟୀ,*
*ସିଡ଼ିଏ, କଟକ,*
*ଦୂରଭାଷ : ୯୮୬୧୫୬୭୫୨୩୭*

# 'ଲାଭ'



ଅନୀତା ପଟ୍ଟନାୟକ

ମୋ ଜେଜେ ବଞ୍ଚିଥିବା ବେଳେ ମତେ କହିଥିଲେ, 'ଏ ସାରା ବିଶ୍ୱରେ ଓଁକାର ଧ୍ୱନି ଝଙ୍କୁରିତ ହେଉଛି । ଏହାକୁ ସମସ୍ତେ ଶୁଣିବାକୁ ଚେଷ୍ଟା କରିବା ଉଚିତ ।' କିନ୍ତୁ ବର୍ତ୍ତମାନର ଦୁନିଆରେ କେବଳ ଲାଭ, ଲାଭ ଲାଭର ରଡ଼ି ଛଡ଼ା ଆଉ କିଛି ଶୁଣାଯାଉନାହିଁ । ଦୂରଦର୍ଶନ, ଡାକବାଜି ଯନ୍ତ୍ର ସାହାଯ୍ୟରେ ରାଜନୈତିକଦଳ ପ୍ରଚାର କରାଉଛନ୍ତି ଆମକୁ ଭୋଟ ଦେଲେ ତୁମର ଏଇ ଏଇ ଲାଭ ହେବ ଓ ସେଥି ନିମନ୍ତେ ପ୍ରଚାର ପତ୍ର ମଧ୍ୟ ବଣ୍ଟା ଯାଉଛି ।

ଗାଁରେ ଦିନେ ଧାନ ବିକ୍ରୀ ପାଇଁ ଯାଇଥିବା ସମୟରେ ଦେଖିଲି ଧାନମାପ କରୁଥିବା ଲୋକଟି ଏକ ନକହି ଲାଭରୁ ଆରମ୍ଭ କରୁଛି । ମାର୍ଚ୍ଚ ମାସ ଶେଷବେଳକୁ ଦେଖିଲି ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ଡାକ୍ତରଖାନା, ବାଣିଜ୍ୟକେନ୍ଦ୍ର ସବୁଠାରେ ଏ ବର୍ଷ କେତେ ଲାଭ ସେ ବିଷୟରେ ଆଲୋଚନା ଚାଲିଛି । ଲୋକେ ଆଲୋଚନା କରୁଛନ୍ତି ସାହାଯ୍ୟ କରୁନଥିବା ବନ୍ଧୁବାନ୍ଧବ, ଫୋପାଡ଼ି ଦେଉଥିବା ଜୋତା ଓ ବରଦାନ କରୁଥିବା ଦେବତା ମାନଙ୍କୁ ପରିତ୍ୟାଗ କରିବା ପାଇଁ ଉପଦେଶ ଦିଆଯାଉଛି । ଲୋକ ମାନଙ୍କ ମଧ୍ୟରେ ଏକ ଚିନ୍ତା ପଶାଇ ଦିଆଗଲାଣି କି ବିଭିନ୍ନ ମଠ ମନ୍ଦିର ପରିକ୍ରମା କଲେ ଆଧାତ୍ମିକ ଲାଭ ମିଳେ । ଆମେ ଦିନମଜୁରିଆ ବା ବେତନପ୍ରାପ୍ତ ଚାକର ପରି କାହିଁକି ବ୍ୟବହାର କରୁଛୁ । ଭଗବତ ସାନ୍ନିଧ, ଭଗବାନଙ୍କର ପରମଥାନନ୍ଦରେ ବିଲୟ, ଦିବ୍ୟାନନ୍ଦର ଅନ୍ୱେଷଣରୁ ଆମେ କାହିଁକି ବିଚ୍ୟୁତ ରହିଛୁ ? ପ୍ରେମ ଓ ଭକ୍ତିରେ କାମ କରି ଆନ୍ତରିକ ଓ ଆନନ୍ଦମୟ କାହିଁକି ହେଉନାହୁଁ ? ଘରେ କାମ କଲାବେଳେ ଭାଇ ଓ ପୁଅମାନେ କଣ ମଜୁରୀ ଦାବି କରନ୍ତି ? ଆମ ମନରେ କାହିଁକି ଆସୁଛି ? ଆଚ୍ଛା ଆମେ ତ ପୂଜା କରୁଛୁ ସେ ଆମ ପାଇଁ କ'ଣ କରୁଛନ୍ତି ? ଆମେ କାହିଁକି ଭୁଲି ଯାଉଛୁ ଯେ ଭଗବାନ ଆଶ୍ୱସନା ଦେଇ କହିଛନ୍ତି ଯେ ଯାହାର ମୋ ଛଡ଼ା ଅନ୍ୟ କୌଣସି ଚିନ୍ତା ନଥାଏ, ଯେ ସର୍ବଦା ମୋର ଉପାସନା କରୁଥାଏ, ମୁଁ ସବୁବେଳେ ତା ପାଖରେ ଥାଏ । ଏବଂ ତାକୁ ଇହଲୋକ ଓ ପରଲୋକରେ ସବୁକଥା ଯୋଗାଇ ଦିଏ । ଆମେ ଶୁଣିଚୁ ଗୀତାରେ ଅର୍ଜ୍ଜୁନ ଶେଷରେ କହିଛନ୍ତି ପ୍ରଭୁ ମୋର ନିଜର କିଛି ଇଚ୍ଛା ନାହିଁ ମୁଁ ଆପଣଙ୍କ ନିକଟରେ ନିଜକୁ ସମର୍ପି ଦେଉଛି । କିନ୍ତୁ ବର୍ତ୍ତମାନ ଏ କ'ଣ ? ଭଗବାନଙ୍କୁ ନୈବେଦ୍ୟ ରୂପରେ କାର୍ଯ୍ୟ ସମର୍ପିତ କରି ଯଜ୍ଞରେ ପରିଣତ କରିବା ବଦଳରେ ଖାଲି ଲାଭ କଥା ଚିନ୍ତା କରାଯାଉଛି । ଚାରିଆଡ଼େ ହୁରି ପଡ଼ିଛି ପ୍ରଭୁ ଜଗନ୍ନାଥଙ୍କର ରତ୍ନ ଭଣ୍ଡାରର ଚାବି କାହିଁ ? ରତ୍ନ ଭଣ୍ଡାରରେ କେତେ ସୁନାଗହଣା ଅଛି ଆମ ଦଳ ଆସିବା ମାତ୍ରେ ଖବରକାଗଜର ପ୍ରଥମ ପୃଷ୍ଠାରେ ପ୍ରକାଶିତ ହେବ ଇତ୍ୟାଦି ଇତ୍ୟାଦି ।

ମନ୍ଦିର ଫାଟକ ନିକଟରେ ଦୋସାଅହଂ ଶବ୍ଦର ଆତ୍ମବିଶ୍ୱାସ, ତାପରେ ପ୍ରଭୁଙ୍କର କୃପାଲାଭ କରିଥିବା 'ଶିବୋଅହଂ' ଓ ଶେଷରେ 'ସୋଅହଂ' ଚେତନାର ଶବ୍ଦ ଅନୁଭୂତ ହେଉନାହିଁ 'ସର୍ବଂ ବିଷ୍ଣୁମୟ' ଜଗତ, ମୋର ସତ୍ତା ଓ ବିଶ୍ୱସତ୍ତା ସମାନ ଓ 'ମୁଁ ହେଉଛି ସେ' ତାହା ଲୁପ୍ତ ହେବାକୁ ବସିଲାଣି । ଦିନେ ମୋର ପୁଅ ମତେ ପଚାରିଲା ଜନ୍ମପୂର୍ବରୁ ତୁମେ କ'ଣ ଥିଲ ? ଜନ୍ମପରେ କଣ ହୋଇଛ ? ମୃତ୍ୟୁ ପରେ ତୁମେ କ'ଣ ହେବ ? ମୁଁ ଦେଖିଲି ଓଁକାରର ଧ୍ୱନି ବଦଳରେ ଲାଭ ଲାଭ ଗୁଞ୍ଜରିତ ଦୁନିଆରେ ଏ ପ୍ରଶ୍ନଗୁଡ଼ିକର ମହତ୍ତ୍ୱ ଅଛି । ତାର ପ୍ରଶ୍ନର ସହସା ଉତ୍ତର ନଦେଇ ମୁଁ ତାକୁ ଗୋଟିଏ କୁମ୍ଭାରଶାଳକୁ ନେଇଗଲି । ମୁଁ କହିଲି ଦେଖ କୁମ୍ଭାର କିପରି ହାଣ୍ଡି ଗଢୁଛି । ପୁଅ ଦେଖିଲା କୁମ୍ଭାର ହାଣ୍ଡି ଗଢ଼ିବା ପାଇଁ ପ୍ରଥମେ ମାଟି ଖୋଳିଲା । ଗୋଟିଏ ଗାତ ସୃଷ୍ଟି ହେଲା । ଘର ଆଗରେ ମାଟି ଗଦା ହେଲା । ମାଟିକୁ ଚକଟି ଚକରେ ଥୋଇ ହାଣ୍ଡି ସବୁ ତିଆରି କଲା । ପୁଅ ଦେଖିଲା କେତେକ ମାଟି ହାଣ୍ଡି ନଷ୍ଟ ହୋଇ ମାଟିରେ ପଡ଼ିଛି । କିନ୍ତୁ ମାଟି, ଗାତରେ ଗଦାରେ ଓ ହାଣ୍ଡରେ ରହିଥାଏ । ହାଣ୍ଡିଗୁଡ଼ିକ ସ୍ୱଳ୍ପସ୍ଥାୟୀ ଓ ତାହା ଜୀବର ପ୍ରତକ । ପୁଅ କହିଲା ଏଥର ବୁଝିଗଲି । ମାଟି ସମଗ୍ର ସୃଷ୍ଟିର ଅନ୍ତର୍ନିହିତ ବ୍ରହ୍ମତତ୍ତ୍ୱର ପ୍ରତୀକ । ଏହା ମତେ ଜାଣିବାକୁ ହେବ ଓ ନିର୍ବିକଳ୍ପଙ୍କଠାରେ ନିଜକୁ ସମର୍ପି ଦେବାକୁ ହେବ । ଜନ୍ମ ପୂର୍ବରୁ ମାଟି ଥିଲି, ଜନ୍ମ ପରେ ମାଟିର କଣ୍ଢେଇଟିଏ ହୋଇଛି ଓ ଜନ୍ମ ପରେ ମାଟିରେ ମିଶିଯିବି ।

*ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ,*
*ସେକ୍ଟର-୧୦,*
*ଦୂରଭାଷ : ୯୬୯୨୯୮୦୦୨୬*

# 'ବିଦ୍ୟା ଅଟଇ ମହାବଳ, ସେ ବଳେ ଜିଣ ଭୂମଣ୍ଡଳ...'



ସୌରଚନ୍ଦ୍ର ମହାପାତ୍ର

'ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ । ବିଦ୍ୟା ଅଟଇ ମହାରତ୍ନ, ହୃଦୟେ ଘେନ କରି ଯତ୍ନ । ବିଦ୍ୟା ଅଟଇ ମହାମିତ୍ର, ସେ ସଙ୍ଗେ ହୁଅ ହେ ପବିତ୍ର । ବିଦ୍ୟା ଅଟଇ ମହାବଳ, ସେ ବଳେ ଜିଣ ଭୂମଣ୍ଡଳ' - ଭକ୍ତ କବି ମଧୁସୂଦନଙ୍କ ଏହି ବିଲକ୍ଷଣ ଧାଡ଼ି ଜୀବନରେ ବିଦ୍ୟାର ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ସମ୍ପର୍କରେ ଆମ ମାନଙ୍କୁ ଆଲୋକ ବର୍ତ୍ତିକା ବାର୍ତ୍ତା ପ୍ରଦାନ କରୁଛି । ମନୁଷ୍ୟ ଶରୀରରେ ଆଖି, କାନ, ପାଟି ଆଦି ସବୁ ଅଙ୍ଗଗୁଡ଼ିକ ପରସ୍ପର ସହିତ ଅଭିନ୍ନ ଭାବରେ ସମ୍ପୃକ୍ତ । ଏହି ଅଙ୍ଗଗୁଡ଼ିକ ଯେପରି ମନୁଷ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ସେହିପରି ସାମାଜିକ ପ୍ରକ୍ରିୟାର ଏକ ଅଙ୍ଗ ଭାବରେ ମନୁଷ୍ୟ ମଧ୍ୟ ସମାଜ ପାଇଁ ଗୁରୁତ୍ୱ ପୂର୍ଣ୍ଣ । ମନୁଷ୍ୟ ମାନବଜାତିର ଏକ ଅଂଶ । ପ୍ରକୃତି ଈଶ୍ୱରଙ୍କର ଏକ ଅଂଶ । ଏହି ପାରସ୍ପରିକ ସମ୍ପର୍କକୁ ମନୁଷ୍ୟ ଜାଣିପାରି ନାହିଁ ।

ଆମ୍ଭେମାନେ ପ୍ରକୃତରେ ଜଣେ ଜଣେ ମଞ୍ଚ ନିର୍ଦ୍ଦେଶକଙ୍କ ପରି ଜୀବନ ନିର୍ବାହ କରୁଛେ । ମନୁଷ୍ୟ ନିଜ ଅଧିକାର ପାଇଁ ସଂଗ୍ରାମ କରୁଛି ନିଜର ଦାୟିତ୍ୱକୁ ଭୁଲିଯାଇ । ଗଭୀର ଭାବରେ ଅନୁସନ୍ଧାନ କଲେ ଜଣାଯିବ ଯେ ଏ ସଂସାରରେ ମନୁଷ୍ୟର କୌଣସି ଅଧିକାର ନାହିଁ । ତାର କେବଳ କର୍ତ୍ତବ୍ୟ ଅଛି, ଅଧିକାର ନୁହେଁ । ନିଜର କର୍ତ୍ତବ୍ୟ ସମ୍ପାଦନ ନ କରି ଅଧିକାର ପାଇଁ ଲଢ଼ିବା ନିର୍ବୋଧତା । 'ସଂସାରରେ ସବୁ ପ୍ରକାର ଦ୍ୱନ୍ଦ୍ୱ ଓ ବିଶୃଙ୍ଖଳାର କାରଣ ହେଉଛି ମନୁଷ୍ୟ ନିଜର କର୍ତ୍ତବ୍ୟକୁ ଭୁଲିଯିବା । ଆମ୍ଭେମାନେ ନିଜର କର୍ତ୍ତବ୍ୟର ସୁ ସମ୍ପାଦନ କଲେ ଜଗତ ଶାନ୍ତ ଓ ସମୃଦ୍ଧ ହେବ । ତାର ଏକମାତ୍ର ଅଧିକାର ହେଉଛି ନିଜର କର୍ତ୍ତବ୍ୟ ସମ୍ପାଦନ କରିବା । ତାର ଆଉ ଅନ୍ୟ କୌଣସି ଅଧିକାର ନାହିଁ । ପିତାମାତାମାନେ ନିଜର କର୍ତ୍ତବ୍ୟ ସମ୍ପାଦନ କଲେ ପିଲାମାନେ ମଧ୍ୟ ନିଜର ଦାୟିତ୍ୱ ହୃଦୟଙ୍ଗମ କରିବେ । ପିଲାମାନେ ନିଜର ପିତାମାତାଙ୍କ ପ୍ରତି କର୍ତ୍ତବ୍ୟ ସମ୍ପାଦନ କଲେ ପିତାମାତାମାନେ ସମ୍ମାନିତ ହେବେ । ସେହିପରି ଶିକ୍ଷକମାନେ ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ କଲେ ଛାତ୍ରମାନେ ଠିକ ଭାବରେ ଆଚରଣ କରିବେ । ଛାତ୍ରଛାତ୍ରୀମାନେ ସେମାନଙ୍କର କର୍ତ୍ତବ୍ୟ ଠିକ୍ ଭାପବରେ ସମ୍ପାଦନ କଲେ, କର୍ମକର୍ତ୍ତାମାନେ ସମ୍ମାନ ଲାଭ କରିବେ ।'

ଆଜିର ସମୟକୁ ଦେଖିଲେ, ଆମ୍ଭେମାନେ ବାସ୍ତବରେ ଆମ ଦାୟିତ୍ୱ ସବୁକୁ ନିର୍ବାହ କରିବାରେ ଏକ ପ୍ରକାର ଭୁଲି ଯାଇଛୁ । ଜଗତ ପରସ୍ପର ସହିତ ସମ୍ପୃକ୍ତ ଅଂଶଗୁଡ଼ିକର ଏକ ଅଖଣ୍ଡ ଏକକ ଅଟେ । ପ୍ରତ୍ୟେକ ନିଜର କର୍ତ୍ତବ୍ୟ କଲେ ସମସ୍ତଙ୍କୁ ଲାଭ ମିଳିବ । ମଣିଷ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାକୁ ଯୋଗ୍ୟ, ତାହାର ଫଳ ପାଇଁ ନୁହେଁ । ଶିକ୍ଷା କ୍ଷେତ୍ରକୁ ଦେଖିଲେ ସେଠାରେ ମଧ୍ୟ ମୂଲ୍ୟବୋଧର ଅବକ୍ଷୟ । ଆଜି ଶିକ୍ଷା ଜଗତ ବହୁବିଧ ସମସ୍ୟାରେ ପରିପୂର୍ଣ୍ଣ । ଯାହା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ବିଚଳିତ କରୁଛି । ଶିକ୍ଷା ପଦ୍ଧତି ସମାଜରେ ମାନବୀୟ ମୂଲ୍ୟବୋଧର ବିଧ୍ୱଂସରେ ସହାୟକ ହେଉଛି । ଦେଶର ସର୍ବବିଧ କଲ୍ୟାଣର ଅଭିବୃଦ୍ଧି ଦିଗରେ ଶିକ୍ଷାନୁଷ୍ଠାନଗୁଡ଼ିକ ନେତୃତ୍ୱ ନେବା କଥା, କିନ୍ତୁ ସେଗୁଡ଼ିକ ଦେଶକୁ ପଥଭ୍ରଷ୍ଟ କରୁଛନ୍ତି । ତ୍ୟାଗ, ଚରିତ୍ରବତ୍ତା, ସାଧୁତା ଓ ନୈତିକତା ଆଦି ମାନବୀୟ ମୂଲ୍ୟବୋଧଗୁଡ଼ିକ ପ୍ରାୟ ଉଭେଇ ଗଲେଣି । ଆମର ଯାହା ଦରକାର ତାହା ଏକ ନୂତନ ଶିକ୍ଷାପଦ୍ଧତି ବା ଏକ ନୂତନ ସମାଜ ବ୍ୟବସ୍ଥା କିମ୍ବା ଏକ ନୂଆ ଧର୍ମ ନୁହେଁ । ନୂତନ ସମାଜ ତିଆରି ପାଇଁ ଏବଂ ଏହାର ଆଦର୍ଶଗତ ପ୍ରଗତି ପାଇଁ ଅନେକ ଉଦ୍ୟମ, କଳ୍ପନା ଜଳ୍ପନା ଦେଖିବାକୁ ମିଳୁଛି କିନ୍ତୁ ଏସବୁ ବୃଥା ପରିଣତ ହେଉଛି । କେବଳ ଉତ୍ତମ ଲୋକ ଚରିତ୍ର ହିଁ ଉତ୍ତମ ରାଷ୍ଟ୍ର ପରିଚାଳନାରେ ସହାୟକ ହୋଇଥାଏ । ମହତ୍ ମନ ଓ ହୃଦୟସମ୍ପନ୍ନ ଲୋକମାନେ ରହିଲେ ରାଷ୍ଟ୍ର ପ୍ରଗତିଶୀଳ ହେବ । ଏପରି ଲୋକମାନେ ସମାଜରେ ସେତକିବେଳେ ବାହାରିବେ ଯେତେବେଳେ ସମାଜରେ ମାନସିକ ନିର୍ମଳତା ଓ ନୈତିକତା ରହିବ । ନୈତିକ ମୂଳଦୁଆରେ ପ୍ରତିଷ୍ଠିତ ସମାଜ ହିଁ ଏପରି ମହତ୍ ଲୋକମାନଙ୍କର ପୁଷ୍ଟି କରିପାରିବ । ନୈତିକତା ଓ ଚରିତ୍ରବତ୍ତା ଆଧ୍ୟାତ୍ମିକ ଚେତନା ଉପରେ ଆଧାରିତ । ଆଧ୍ୟାତ୍ମିକ ଶକ୍ତି ବିଶ୍ୱଶାନ୍ତି, ମାନବୀୟ ପ୍ରଗତି ଓ ସମୃଦ୍ଧିର ଉଜ୍ଜ୍ୱଳତର ଭବିଷ୍ୟତ ପାଇଁ ମାର୍ଗ ପ୍ରଶସ୍ତ କରିଥାଏ ।

ଆଜି ଆମ୍ଭେମାନେ ଆଧ୍ୟାତ୍ମିକତାକୁ ଭୁଲିଯାଇ ବିଷୟ ବାସନା ଉପରେ ଆଧାରତ କୃତ୍ରିମ ଜୀବନ ଯାପନ କରୁଛୁ । ରାଷ୍ଟ୍ରର କଲ୍ୟାଣ ନିମନ୍ତେ ଶିକ୍ଷାର ପ୍ରୟୋଗ ହେବା ଉଚିତ । ଶିକ୍ଷା ମାଧ୍ୟମରେ ଉପଲବ୍ଧ ଜ୍ଞାନ ସମାଜର କଲ୍ୟାଣ ନିମନ୍ତେ ନିଃସ୍ୱାର୍ଥପର ଭାବରେ ବିନିଯୋଗ କରାଯିବା ଉଚିତ । ଛାତ୍ରମାନଙ୍କ ମଧ୍ୟରେ ଏହିପରି ମନୋଭାବ ବିକଶିତ କରିବାକୁ ହେଲେ ସେମାନେ ଉତ୍ତମ ଗୁଣାବଳୀର ଅନୁଶୀଳନ କରିବା ଉଚିତ । କେବଳ ଉତ୍ତମ ଚରିତ୍ରସମ୍ପନ୍ନ ଛାତ୍ରର ମାତୃଭୂମି ପ୍ରତି ପ୍ରେମ ଓ ସମାଜକଲ୍ୟାଣ ପାଇଁ ଚିନ୍ତା ରହିବ । ଶିକ୍ଷା ଆତ୍ମ କଲ୍ୟାଣ ବା ନିଜର କଲ୍ୟାଣ ପାଇଁ ଉଦ୍ଦିଷ୍ଟ ନୁହଁ ଏହା ବିଶ୍ୱକଲ୍ୟାଣ ପାଇଁ ଉତ୍ସର୍ଗିତ ହେବା ଉଚିତ । ଛାତ୍ରଠାରେ ଉତ୍ତମ ଗୁଣାବଳୀ ରହିଲେ ହିଁ ସେ ଜାତୀୟ ନିରାପତ୍ତା, ସମୃଦ୍ଧି ଓ କଲ୍ୟାଣ ଏବଂ ରାଷ୍ଟ୍ରର ଉନ୍ନତି ଓ ମାନବଜାତି ପ୍ରତି ପ୍ରେମ ପାଇଁ କାମ କରିପାରିବେ । ଆମ୍ଭେମାନେ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବୋଲି ପ୍ରତ୍ୟେକ ବିଶ୍ୱାସ କରିବା ଉଚିତ ।

'ହସ୍ତସ୍ୟ ଭୂଷଣଂ ଦାନଂ ସତ୍ୟ କଣ୍ଠସ୍ୟ ଭୂଷଣମ୍ । ଶ୍ରୋତ୍ରସ୍ୟ ଭୂଷଣଂ ଶାସ୍ତ୍ରଂ ଭୂଷଣୈଃ କିଂ ପ୍ରୟୋଜନମ୍ ।' କେବଳ ବିଦ୍ୟାରେ କୌଣସି ଫଳ ନାହିଁ । ତ୍ରେତୟା ଯୁଗର କଥା ସମ୍ୟକ ଆଲୋଚନା ରଖିବା । ରାବଣ ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଙ୍କ ପରି ବହୁ ବିଦ୍ୟା ଅଧ୍ୟୟନ କରିଥିଲେ । ଶିକ୍ଷା ଦୃଷ୍ଟିରୁ ଦୁହେଁ ସମାନ ଥିଲେ । କିନ୍ତୁ ବାଲ୍ମିକୀ ରାବଣକୁ ମୁର୍ଖ ବୋଲି ବର୍ଣ୍ଣନା କରିଛନ୍ତି । ରାମଙ୍କୁ ପୂର୍ଣ୍ଣମାନବ ରୂପେ ବର୍ଣ୍ଣନା କରାଯାଇଛି । ଦୁହିଁଙ୍କ ମଧ୍ୟରେ ଏହି ପାର୍ଥକ୍ୟ ରହିଲା କେଉଁଠି ? ରାମ ନିଜର ଉପଲବ୍ଧ ସମସ୍ତ ଜ୍ଞାନକୁ ମହତ୍ ଉଦ୍ଦେଶ୍ୟରେ ଏବଂ ସମସ୍ତଙ୍କ କଲ୍ୟାଣ ପାଇଁ ବିନିଯୋଗ କରୁଥିଲେ । ତାଙ୍କର ଇନ୍ଦ୍ରିୟମାନଙ୍କ ଉପରେ ପ୍ରଭୁତ୍ୱ ଥିଲା । ସେ ତାଙ୍କର ଶାସକତ୍ୱ ତ୍ୟାଗ କରିଥିଲେ । ସେ ସତ୍ୟ ପାଇଁ ଶପଥ କରିଥିଲେ । ନିଜର ଜ୍ଞାନକୁ ସତ୍ୟ ପାଇଁ ମାନବଜାତି ଆଗରେ ଏକ ଆଦର୍ଶ ଜୀବନର ଦୃଷ୍ଟାନ୍ତ ରଖିଯିବା ପାଇଁ ଉତ୍ସର୍ଗ କରି ସେ ଦେଶର କଲ୍ୟାଣ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ରାମ ନିଜର ତ୍ୟାଗ, ସତ୍ୟାନୁଶୀଳନ ଓ ନିଷ୍କଳଙ୍କ ଚରିତ୍ର ଦ୍ୱାରା ମାନବୀୟ ପରିପୂର୍ଣ୍ଣତାର ଆଦର୍ଶ ଥିଲେ । ଅପର ପକ୍ଷରେ ରାବଣ ନିଜର ସମସ୍ତ ଜ୍ଞାନ ଐନ୍ଦ୍ରିୟ ସୁଖଭୋଗରେ ବିନିଯୋଗ କରିଥିଲେ । ସେ ନିଜ ଇନ୍ଦ୍ରିୟମାନଙ୍କର ଦାସ ହୋଇ ପଡ଼ିଥିଲେ ଏବଂ ନିଜର ତଥା ନିଜ ଦେଶର ଧ୍ୱଂସକୁ ଡାକି ଆଣିଥିଲେ । ଭଗବାନ ଶ୍ରୀ ସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ ଉଲ୍ଲେଖ କରିଛନ୍ତି - 'ଜଣେ ଯେତେ ଜ୍ଞାନ ଆହରଣ କଲେ ବି ତାହା ସମସ୍ତଙ୍କ ହିତ ପାଇଁ ପ୍ରୟୋଗ କରିବା ଉଚିତ । ତାହେଲେ ହିଁ ସେ ଜ୍ଞାନ-ସମ୍ପନ୍ନ ହୋଇ ପାରିବ । ଏପରି ଜ୍ଞାନୀଜନ ସମସ୍ତ ସଦଗୁଣରେ ଅଳଙ୍କୃତ ହେବା ଉଚିତ ।' ଏହି ମହତ୍ ଅଭିପ୍ରାୟରେ ପ୍ରାଚୀନ ଶିକ୍ଷାପଦ୍ଧତି ପ୍ରଚଳିତ ଥିଲା । ଆଜି ଛାତ୍ରମାନେ ଯାହା ସବୁ ଶିଖୁଛନ୍ତି ତାହା ଭାରତୀୟ ଶିକ୍ଷାପଦ୍ଧତି ସହିତ ଅସମ୍ପୃକ୍ତ । ଯେଉଁ ଶିକ୍ଷାପଦ୍ଧତି ମନକୁ ଭୃତ୍ୟଭାବାପନ୍ନ ପରି ପକାଏ ଏବଂ ଚାକିରୀ ଖୋଜିବାର ମନୋବୃତ୍ତି ସୃଷ୍ଟି କରେ, ତାହାର ଭାରତୀୟ ଶିକ୍ଷା ସହିତ କୌଣସି ସମ୍ପର୍କ ନାହିଁ । ତମାମ ଜୀବନ ଭିତରେ ଜ୍ଞାନର ଜିଜ୍ଞାସା, ଅଧ୍ୟୟନର ଅନ୍ତ ହୋଇନଥାଏ । ଜୀବନ ବିସ୍ତାରୀ ଜ୍ଞାନ, ମଣିଷର ଆୟୁଷ ଭିତରେ ସେ ସହିପାରି ନଥାଏ । ଭକ୍ତ କବି ମଧୁସୂଦନଙ୍କ ସେହି କାଳଜୟୀ ଧାଡ଼ିଟି ଉଦ୍ଧୃତ କରୁଛି - 'ନୁହେଁ ବୃଦ୍ଧ ସେହିଜନ, ଶୁକ୍ଳକେଷ ଅଟେ ଜାର ଶିର । ଯୌବନେ ଯେ ଜ୍ଞାନେରତ, ଦେବେ ତାକୁ ବୋଲନ୍ତି ସ୍ତବିର ।'

*ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬*
*'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ ଡ଼ି, ସେକ୍ଟର-୬, କଟକ*




# ଅସାମ୍ବିଧାନିକ ଉପାୟରେ ଜିଗ୍ନେସ୍ ମେଓ୍ୱାନିଙ୍କୁ ଗିରଫ କରିବା ନିନ୍ଦନୀୟ

ଭୁବନେଶ୍ୱର (ପିଏନ୍): ଜିଗ୍ନେସ ମେଓ୍ୱାନିଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫର ପ୍ରତିବାଦ ଓ ତୁରନ୍ତ ଖଲାସ ଦାବିରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧକ୍ଷ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ମାନ୍ୟବର ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଅଛି । ଶ୍ରୀଯୁକ୍ତ ଜିଗ୍ନେସ ମେଓ୍ୱାନି ଜଣେ ଦକ୍ଷ, ବିଶିଷ୍ଟ ଦଳିତ ନେତା ଓ ବିଧାୟକ ବାଗାଦାମ ବିଧାନସଭା ନିର୍ବାଚନ ମଣ୍ଡଳି (ଗୁଜରାଟ) ଗତ.୨୧.୦୪.୨୦୨୨ତାରିଖ ମଧ୍ୟରାତ୍ରିରେ ଗୁଜୁରାଟର ପାଲାନପୁର ସର୍କିଟ୍ ହାଉସ୍‌ରୁ ଆସାମ ପୋଲିସ୍ ଗିରଫ କରିଛନ୍ତି ବୋଲି ଆମ୍ଭ ନଜରକୁ ଆସିଛି । ନିକଟରେ ବିଜେପି ନେତା ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଅଭିଯୋଗ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଜିଗ୍ନେସ ମେଓ୍ୱାନି କରିଥିବା ଟ୍ୱିଟ୍ ଏକ ଅବାସ୍ତବ । ଆସାମର କୋକ୍ରୋଟର ଜିଲ୍ଲାର ଏକ ବିଜେପି ନେତା ଅରୁପ କୁମାର ଦେଙ୍କ ଅଭିଯୋଗ କ୍ରମରେ ଦର୍ଶାଇଛନ୍ତି ଯେ ଜିଗ୍ନେସ ମେଓ୍ୱାନିଙ୍କ ଟ୍ୱିଟ୍‌ଟି କିଛି ଗୋଷ୍ଠୀର ଜନସାଧାରଣଙ୍କ ମଧ୍ୟରେ ଉତେଜନା ସୃଷ୍ଟି କରିବ ଓ ସଂହତିରେ ବାଧା ସୃଷ୍ଟି କରିବ । ଜଣେ ବିଜେପି କର୍ମୀଙ୍କ ଅଭିଯୋଗ କ୍ରମେ ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କୁ ଏଭଳି ଭାବରେ ଗିରଫ କରାଯିବା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଏକ ଟ୍ୱିଟ୍‌କୁ ନେଇ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱକର୍ମାଙ୍କର ସରକାର ଏକ ଭୀରୁ ଏବଂ ପ୍ରତିଶୋଧପରାୟଣ, ବିଜେପି ସରକାର ବୋଲି ମନେହୁଏ । କେହିବି ଦଳିତ, ଆଦିବାସୀ ଓ ବଂଚିତ ବର୍ଗ ପାଇଁ ସ୍ୱର ଉଠାଇଲେ ବିଜେପି ସରକାର ତାଙ୍କର ପ୍ରତିଶୋଧପରାୟଣ ରୂପ ଦେଖାଇଥାନ୍ତି । ନିକଟରେ ଗୁଜରାଟ ପ୍ରଦେଶର ବିଧାନ ସଭା ନିର୍ବାଚନ ପାଖେଇ ଆସୁଥିବାରୁ କେନ୍ଦ୍ର ବିଜେପି ସରକାର, ଗ୍ୟାସ୍, ପେଟ୍ରୋଲ୍, ଡିଜେଲ୍, ସି.ଏନ୍.ଜି. ଓ ଅତ୍ୟାବଶକୀୟ ଦ୍ରବ୍ୟର ଅହେତୁକ ମୂଲ୍ୟ ବୃଦ୍ଧି ଉପରୁ ଜନସାଧାରଣଙ୍କ ନଜର ହଟାଇବା ଓ କୋଭିଡ୍ ମୃତ୍ୟୁକୁ ନିୟନ୍ତ୍ରଣ କରିବାରେ ଗୁଜରାଟ ସରକାର ବିଫଳ ଇତ୍ୟାଦିରୁ ନିଜର ବଦନାମକୁ ଲୁଚାଇବା ପାଇଁ କ୍ଷମତାର ଅପବ୍ୟବହାର କରି ଏ ସବୁ ହୀନ ଚକ୍ରାନ୍ତ କରୁଛନ୍ତି । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଜିଗ୍ନେସଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫ କରାଯାଇଥିବାରୁ ଏ ଘଟଣାର ତିବ୍ର ନିନ୍ଦା କରାଯିବା ସହିତ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, ଓ ଆସାମ ମୁଖ୍ୟମନ୍ତ୍ରୀ ହେମ' ବିଶ୍ୱଶର୍ମା, ଜିଗ୍ନେସଙ୍କୁ ଲିଖିତ ଆକାରେ କ୍ଷମା ମାଗିବା ସହିତ ତାଙ୍କୁ ଖଲାସ କରି, ତାଙ୍କର ଗୁଜରାଟ ପ୍ରଦେଶର ଗୃହକୁ ପଠାଇବାର ସୁବନ୍ଦୋବସ୍ତ କରିବା ପାଇଁ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବ କରାଯାଇଅଛି । ଅଖିଳ ଭାରତୀୟ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ଓ ରାଜ୍ୟ ଅଧକ୍ଷ ଶ୍ରୀ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏହି ପ୍ରତିନିଧି ମଣ୍ଡଳୀରେ କଂଗ୍ରେସ ଅନୁସୂଚିତ ଜାତି ବିଭାଗର କର୍ମକର୍ତା ସନ୍ତୋଷ କୁମ୍ଭାର, ମାନସ ମଲ୍ଲିକ,ଜାନକି ମଲ୍ଲିକ, ତାପସ ସେଠି ଓ ଜୟନ୍ତ କୁମାର ଭୋଇ ପ୍ରମୁଖ ମାନ୍ୟବର ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଉଜ୍ଜ୍ୱଳ ତାରକାର ଦୁଃଖଦ ଅବସାନ

ଭୁବନେଶ୍ୱର (ପିଏନ୍): ବିଶିଷ୍ଟ ଯୁବ ବୈଜ୍ଞାନିକ ତଥା ଗବେଷକ ଡାକ୍ତର ସୁଜିତ କୁମାର ମହାନ୍ତି ଦୀର୍ଘଦିନ ଧରି ଫୁସ୍‌ଫୁସ୍ ଜନିତ କ୍ୟାନସର୍ ରୋଗରେ ଆକ୍ରାନ୍ତ ହୋଇ ଗତ ଅପ୍ରେଲ ୮ ତାରିଖ ରାତିରେ ଏକ ଘରୋଇ ହସ୍ପିଟାଲ୍‌ରେ ଇହଲୀଳା ସମ୍ବରଣ କରିଛନ୍ତି । ଡକ୍ଟର ସୁଜିତ ମହାନ୍ତି ହେଉଛନ୍ତି ବିଶିଷ୍ଟ ଆଇନଜୀବୀ ତଥା ସମାଜସେବୀ ସୁଧୀର ମହାନ୍ତିଙ୍କ ଦ୍ୱିତୀୟ ପୁତ୍ର । ସୁଜିତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ କୃତିତ୍ୱର ସହ ବାୟୋ-ଟେକ୍ନୋଲୋଜିରେ ପାସ୍ କରିବା ପରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି, ହାଇଦ୍ରାବାଦରେ ଅଧ୍ୟୟନ କରି ସେଠାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଥିଲେ । ତା'ପରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ, ବାଙ୍ଗାଲୋରରେ ପଢୁଥିବା ସମୟରେ ବିଭିନ୍ନ ବୈଜ୍ଞାନିକମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସମ୍ପୂର୍ଣ୍ଣ ଛାତ୍ରବୃତ୍ତି ପାଇ ଉଚ୍ଚଶିକ୍ଷା ହାସଲ କରିବାକୁ ଆମେରିକା ଯାଇଥିଲେ । ସେଠାରେ ଆଇ.ଓ.ଡବ୍‌ଲ୍ୟୁ.ଏ. ୟୁନିଭରସିଟିରେ ବାୟୋକେମିକାଲ୍ ଇଞ୍ଜିନିୟରିଂରେ ପାସ୍ କରିବା ସଙ୍ଗେସଙ୍ଗେ ପି.ଏଚ୍‌ଡି. ହାସଲ କରିଥିଲେ । ଏହାପରେ ଏକ ବେସରକାରୀ କମ୍ପାନୀରେ କାମ କରି ଗବେଷଣା କରିଥିଲେ । ତାପରେ ପୋଷ୍ଟ ଡକ୍ଟରେଟ୍ କରିବା ସମୟରେ ଆମେରିକାର ବିଶିଷ୍ଟ ଓଡ଼ିଆ ଶିଳ୍ପପତି ଡାକ୍ତର ଶୀତିକଣ୍ଠ ଦାସଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ନିଜ ରାଜ୍ୟରେ ଶିଳ୍ପର ବିକାଶ ପାଇଁ କାର୍ଯ୍ୟ କରିବା ପାଇଁ ୨୦୧୯ ମସିହାରେ ଓଡ଼ିଶା ଫେରି ଆସିଥିଲେ । ଭୁବନେଶ୍ୱରରେ ସ୍ୱାଲୋକମ ବାଇଅଭେଞ୍ଚର୍ କମ୍ପାନୀ ଗଠନ କରି କାର୍ଯ୍ୟ ଆରମ୍ଭ କରିବା ସମୟରେ ଦୁଇଥର କୋରୋନାରେ ଆକ୍ରାନ୍ତ ହୋଇଥିଲେ । ଆରୋଗ୍ୟ ଲାଭ କରିଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ କ୍ୟାନ୍‌ସର୍‌ରେ ଆକ୍ରାନ୍ତ ହୋଇଥିଲେ । ଟାଟା ମେମୋରିଆଲ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହୋଇଥିଲେ ମଧ୍ୟ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ଅଗ୍ରଗତି ପରିଲକ୍ଷିତ ହୋଇ ନଥିଲା । ଭୁବନେଶ୍ୱରରେ ସମ୍ ହସ୍ପିଟାଲ୍‌ରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ମାତା ରଞ୍ଜିତା ମହାନ୍ତି, ବଡ଼ଭାଇ ଡାକ୍ତର ସୁବ୍ରତ ମହାନ୍ତି, ଭାଉଜ ଲଭଲିନ୍ ମହାନ୍ତି, ସାନଭାଇ ଡକ୍ଟର ସନ୍ଦୀପ ମହାନ୍ତି, ଭାଇବୋହୂ ଡଃ ପ୍ରିୟଙ୍କା ମହାନ୍ତି ଉପସ୍ଥିତ ଥିଲେ ।

# ଲେଖକ ସମବାୟ ସମିତିର ରାଜ୍ୟସ୍ତରୀୟ କବିତା ପାଠ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଲେଖକ ସମବାୟ ସମିତିର ଦଶମ ବାର୍ଷିକ ସାରସ୍ୱତ ସମାରୋହ ଅବସରରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହର ପ୍ରଥର ପର୍ଯ୍ୟାୟରେ ଅନୁଷ୍ଠିତ ଆସରକୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପାଲାକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ମ ାସୀନ ଅତିଥି ମାନଙ୍କ ମଧ୍ୟରେ ଅନ୍ୱେସା ସାହିତ୍ୟ ସଂସଦର ସଭାପତି ସୁରେନ୍ଦ୍ର କୁମାର ବେହେରା, କୁଶଳେଶ୍ୱର ସାହିତ୍ୟ ସଂସଦର ଉପସଭାପତି ମଙ୍ଗୁଳି ଚରଣ ପୃଷ୍ଟି, ସମ୍ବାଦ ସାହିତ୍ୟ ଘର ହାଟଡିହୀର ସଭାପତି ଅନ୍ତର୍ଯ୍ୟାମୀ ରାଉତ ଏବଂ ବଉଳା ସାହିତ୍ୟ ସଂସଦର କର୍ମକର୍ତ୍ତା ଅଧ୍ୟାପକ ସୁବାସ ପାତ୍ର, ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସାହିତ୍ୟରେ କବିତାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ରତ୍ନାକର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଭବ୍ୟ କବିତା ପାଠରେ ଯାଜପୁର, ଭଦ୍ରକ, କଟକ, ବାଲେଶ୍ୱର ଓ ମୟୁରଭଂଜ ଅଂଚଳର କବିମାନେ ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ । ଆନନ୍ଦପୁର ଅଂଚଳର କବିମାନଙ୍କ ମଧ୍ୟରେ ଧୂମକେତୁ ଦାସ, ଅର୍ଜୁନ ବେହେରା, ମୁରଲୀଧର ବେହେରା, ଉମାକାନ୍ତ ଜେନା, ନରହରି ରାଉତ, ବନମାଳୀ ଜେନା, ଅଭୟ ସାମଲ, ବାମନ ବେହେରା, ସୁଦାମ ଚରଣ ଜେନା, ସୁରେନ୍ଦ୍ର କୁମାର ପରିଡା, ଦଶରଥ ସାହୁ, ରାମଚନ୍ଦ୍ର ଜେନା, ନିରନ ସାହୁ, ଗୋବର୍ଦ୍ଧନ ନାୟକ, ବୈଲୋଚନ ସାହୁ, ଜ୍ୟୋସ୍ନା ଦାସ, ମାଳତୀ ପଣ୍ଡା, କୀର୍ତ୍ତନ ସାହୁ, ରଘୁନାଥ ପଣ୍ଡିତ ପ୍ରମୁଖ କବିମାନେ କବିତା ଆବୃତ୍ତି କରିଥିଲେ । ପ୍ରଥମରେ ଛାତ୍ରୀ ସୁଦେସ୍ନା ସାହୁ ଆବାହନୀ ସଙ୍ଗୀତ ଗାନ କରିଥିଲେ ଓ ଅନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଉରକେଲା ସ୍ୱରେଜ୍ ପ୍ରକଳ୍ପରେ ଦୁର୍ନୀତି ଓ ଅନିୟମିତତା ନେଇ ଏଡିଏମ୍‌ଙ୍କୁ ସାକ୍ଷାତ କଲା ଜିଲ୍ଲା କଂଗ୍ରେସ

ରାଉରକେଲା (ପିଏନ୍): ରାଉରକେଲା ସ୍ୱରେଜ୍ ପ୍ଲାଣ୍ଟ ପ୍ରକଳ୍ପରେ ହୋଇଥିବା ବ୍ୟାପକ ଦୁର୍ନୀତି, ଅନିୟମିତତା ତଥା ବୋର୍ଡ କର୍ତ୍ତୃପକ୍ଷଙ୍କ ତରଫରୁ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀ ବେଆଇନ୍ ଭାବେ ଯୋଗାଇ ଦିଆଯାଉଥିବା ସୁବିଧା ସମ୍ପର୍କରେ ଜିଲ୍ଲା କଂଗ୍ରେସ ତରଫରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମର କମିଶନର ଡ.ଶୁଭଙ୍କର ମହାପାତ୍ରଙ୍କୁ ସାକ୍ଷାତ କରି ସମସ୍ତ ବିଷୟ ଅବଗତ କରାଯାଇଛି । ପ୍ରାୟ ୩୪୮ କୋଟି ଟଙ୍କା ବ୍ୟୟ ମୁରୀରେ ଗତ ୨୦୧୭ ମସିହାରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇ ୨୦୨୦ ଜାନୁୟାରୀ ସୁଦ୍ଧା କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲେ ହେଁ ଅଦ୍ୟାବଧି ତାହା ସମ୍ପୂର୍ଣ୍ଣ ହୋଇ ନାହିଁ । ଯେଉଁ କାର୍ଯ୍ୟ ହାତକୁ ନିଆଯାଇଛି ସେଥିରୁ ବର୍ତ୍ତମାନ ସୁଦ୍ଧା ୨୦ ପ୍ରତିଶତ ବାକି ଥିବାବେଳେ ଯେଉଁ କାମ କରାଯାଇଛି ତାହା ଅତ୍ୟ' ନିମ୍ନମାନର ହୋଇଥିବାରୁ ତାହା ସହରବାସୀଙ୍କ ପାଇଁ ସର୍ବଦା ସମସ୍ୟା ସୃଷ୍ଟି କରୁଛି ବୋଲି କଂଗ୍ରେସ ନେତୃବୃନ୍ଦ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦତ୍ତ ଏକ ସ୍ମାରକପତ୍ରରେ କୁହାଯାଇଛି ଯେ, ମୁଖ୍ୟମାର୍ଗର ତାରିଣୀ ମନ୍ଦର ଠାରୁ ରଘୁନାଥପାଲ୍ଲୀ ଥାନା ପର୍ଯ୍ୟ' ଓ ଏସ୍‌ଟିଆଇ ଓଭରବ୍ରିଜ ଠାରୁ ବିରଜାପାଲ୍ଲୀ ଓଭର ବ୍ରିଜ୍ ପର୍ଯ୍ୟ' ସ୍ୱରେଜ୍ ପାଇପ୍ ବିଛାଯାଇ ନାହିଁ । ସେହିପରି ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ ଛକଠାରୁ ବିଏସ୍‌ଏନ୍‌ଏଲ ଛକ ପର୍ଯ୍ୟ' ଉଭୟ ପାର୍ଶ୍ୱରେ ମଧ୍ୟ ପାଇପ୍ ବିଛାଯାଇ ନାହିଁ । ମୂଳ ଡ୍ରଇଁରେ ପାଇପ୍ ବିଛାଇବା ବ୍ୟବସ୍ଥା ଥିଲେ ହେଁ କାହିଁକି ଏଠାରେ ପାଇପ୍ ବିଛାଯାଇ ନାହିଁ ଓ ଏ ବାବଦ ଅର୍ଥ କୁଆଡେ ଗଲା ତାହା ଅନୁଧ୍ୟାନ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସେହିପରି ଯେଉଁ ପାଇପ୍ ବିଛା କାର୍ଯ୍ୟ କରାଯାଇଛି ଏଥିରେ ଆବଶ୍ୟକୀୟ ଗ୍ରାନାଇଟ୍ ପଥର ଚିପ୍‌ସ ଓ ଆବଶ୍ୟକୀୟ ବାଲି ଭର୍ତ୍ତି କରାଯାଇନଥିବାରୁ ବିଭିନ୍ନ ସ୍ଥାନରେ ରାସ୍ତା ଦବିଯାଉଥିବା ଦେଖାଯାଉଛି । ଯାହାର ଉଦାହରଣ ହେଉଛି ଜୋଲ୍ ରୋଡ୍, ଛେଣ୍ଡ ମୁଖ୍ୟମାର୍ଗ, ଆଇଟିଆଇ କଳିଙ୍ଗ ବିହାର ରାସ୍ତା, ବାସ'ୀ ପାଣି ଟାଙ୍କି ରାସ୍ତା ଇତ୍ୟାଦି । ଅତ୍ୟ' ନିମ୍ନମାନର କାର୍ଯ୍ୟ କରାଯାଇ ପାଇପ୍ ଲାଇନର ମେନ୍ ହୋଲ ନିର୍ମାଣ କରାଯାଇଥିବାରୁ ସେଗୁଡିକ କେଉଁଠି ରାସ୍ତା ଉପରେ ତ ଆଉ କେଉଁଠି ରାସ୍ତା ତଳେ ରହିଛି । ଫଳରେ ପ୍ରତିଦିନ ଛୋଟବଡ ଦୁର୍ଘଟଣାର କାରଣ ସାଜୁଛି । ପାଇପ୍ ବିଛା କାର୍ଯ୍ୟ ପରେ ରାସ୍ତା ନିର୍ମାଣ କରି ୫ ବର୍ଷ ପାଇଁ ମରାମତି ଓ ରକ୍ଷଣାବେକ୍ଷଣର ଦାୟିତ୍ୱ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀର ହୋଇଥିବା ବେଳେ ସମ୍ପ୍ରତି ଦବିଯାଉଥିବା ଓ ଭୁଷୁଡି ପଡୁଥିବା ରାସ୍ତାଗୁଡିକୁ କାହିଁକି ଆର୍‌ଏମ୍‌ସି ନିର୍ମାଣ କରୁଛି ବୋଲି ଦଳ ତରଫରୁ ପ୍ରଶ୍ନ କରାଯାଇ ଏହାର ଅନଧାନ କରିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି । ଛେଣ୍ଡ ବାଗୁଡି ବସ୍ତି ଓ ବ୍ୟାଙ୍କ କଲୋନୀରେ ସ୍ୱରେଜ୍ ପାଇପ୍ ବିଛାଇବା ପାଇଁ ମୂଳ ଡ୍ରଇଁରେ ବ୍ୟବସ୍ଥା ନଥିବା ବେଳେ ଏ ଅ ଳରେ ପ୍ରାୟ ୩୦ ଲକ୍ଷ ଟଙ୍କାର ପାଇପ୍ ବିଛାଯାଇ ପରିତ୍ୟକ୍ତ ଅବସ୍ଥାରେ ଛାଡି ଦିଆଯାଇଛି । ଏହି ପାଇପ୍ ଲାଇନ୍‌କୁ କୌଣସି ମୁଖ୍ୟ ପାଇପ୍ ଲାଇନ୍ ସହିତ ସଂଯୋଗ କରାଯାଇନଥିବାରୁ ଏହି ପାଇପ୍ ବିଛା କାର୍ଯ୍ୟ ନଷ୍ଟ ହେବା ସହିତ ଏ ବାବଦରେ ବୋର୍ଡର ବିପୁଳ ଅର୍ଥ ନଷ୍ଟ ହେବାକୁ ଯାଉଥିବା ଏହାର ଆବଶ୍ୟକୀୟ ଅନୁଧ୍ୟାନ ପାଇଁ ଅନୁରୋଧ କରାଯାଇଛି । ଅପରପକ୍ଷରେ ଉକ୍ତ ଅ ଳରେ ପାଇପ୍ ବିଛା ବାବଦକୁ ଗୁଡାଏ ମିଥ୍ୟା ବିଲ୍ ପ୍ରସ୍ତୁତ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିବା କଂଗ୍ରେସ ତରଫରୁ ଅଭିଯୋଗ କରାଯାଇଛି । ପ୍ରତ୍ୟେକ ବାସଗୃହକୁ ସ୍ୱରେଜ୍ ସଯୋଗୀକରଣ ପାଇଁ ସରକାର କିଛି ନିର୍ଦ୍ଦେଶନାମା ଜାରି କରିନଥିବା ବେଳେ ସ୍ଥାନୀୟ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ତାଙ୍କର କିଛି ପୋଷା ଠିକାଦାର ମାଧ୍ୟମରେ ବେଆଇନ୍ ଭାବେ ସ୍ୱରେଜ୍ ସଂଯୋଗୀକରଣ ପାଇଁ ଘର ପିଛା ୨୫ରୁ ୪୦ ହଜାର ଟଙ୍କା ଆଦାୟ କରୁଛନ୍ତି । ତେଣୁ ଏହା ମଧ୍ୟ ଅନୁଧ୍ୟାନ ସାପେକ୍ଷ ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ସେହିପରି ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମିତ ସ୍ୱରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିସରରେ ଏଲ୍‌ଆଣ୍ଡଟି କମ୍ପାନୀ ୨ ବର୍ଷ ହେଲା ନିଜ କାର୍ଯ୍ୟାଳୟ ଚଳାଉଥିବା ବେଳେ ୨ଟି କୋଠାକୁ ତାର କର୍ମଚାରୀଙ୍କ ପାଇଁ ଅତିଥି ଭବନ ଭାବେ ବ୍ୟବହାର କରୁଛ । ଏହାର ଭଡା ବାବଦକୁ ଟଙ୍କାଟିଏ ଏଲ୍‌ଆଣ୍ଡଟି କମ୍ପାନୀର ବିଲ୍‌ରୁ କଟାଯାଉନଥିବା ବେଳେ କୋଠାରେ ପାଣି ଓ ବିଜୁଳି ବିଲ୍ ବାବଦକୁ ମାସିକ ଲକ୍ଷାଧିକ ଟଙ୍କା ବୋର୍ଡ କର୍ତ୍ତୃପକ୍ଷ ଭରଣା କରୁଛନ୍ତି । ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀ ପ୍ରତି କାହିଁକି ଏପରି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ କରୁଛନ୍ତି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ କୁହାଯାଇଛି । ତେବେ ସ୍ୱରେଜ୍ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ରାଜ୍ୟ ସରକାର ସିଙ୍ଗାପୁରର ମେନ୍‌ହରଡାଟ୍ ପ୍ରାଇଭେଟ୍ କମ୍ପାନୀକୁ ୩୪ କୋଟି ଟଙ୍କାରେ ଚୁକ୍ତିବଦ୍ଧ କରିଥିବା ବେଳେ ଉକ୍ତ ସଂସ୍ଥା କ'ଣ ତଦାରଖ କରି କି ରିପୋର୍ଟ ଦେଇଛି ଓ କେତେ ଅର୍ଥ ସେ ବାବଦରେ ସରକାରଙ୍କ ଠାରୁ ନେଇଛି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସମ୍ପ୍ରତି କାର୍ଯ୍ୟ ଅଧପ'ରିଆ ଅବସ୍ଥାରେ ଥିବାବେଳେ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀକୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ପ୍ରମାଣପତ୍ର ଦେବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ତେଣୁ ଏହି ଘଟଣାରେ ଅତିରିକ୍ତ ଜିଲ୍ଲାପାଳ ହସ୍ତକ୍ଷେପ କରି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟ' ପ୍ରକଳ୍ପର ହସ୍ତା'ର ପ୍ରକ୍ରିୟା ବନ୍ଦ ରଖିବାକୁ ସ୍ମାରକପତ୍ରରେ କଂଗ୍ରେସ ତରଫରୁ ଉଲ୍ଲେଖ କରାଯାଇଛି । ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀ, ଅନ୍ୟତମ ଉପସଭାପତି ସ'ୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧ୍ୟକ୍ଷ ନିହାର ଦାସ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ମୁଖପାତ୍ର କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ପୂର୍ବତନ ବ୍ଲକ୍ ସଭାପତି ବିନୋଦ ବିହାରୀ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଳସୀ ନାଗ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଦିଲ୍ଲୀପ ଜେନା, ସେବାଦଳର ବୁଲୁ ଦାସ, ନରେନ୍ଦ୍ର ବର୍ମା ପ୍ରମୁଖ ଉପସ୍ଥିତ ରହି ସ୍ମାରକପତ୍ର ପ୍ରଦାନ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଓଡ଼ିଶାରେ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ୍ ଇଣ୍ଡିଆ କେ ବୋଲ୍ ସିଜିନ-୨ ଶୁଭାରମ୍ଭ

ଭୁବନେଶ୍ୱର (ପିଏନ୍): ଯୁବ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ଯୁବ ପ୍ରବକ୍ତା ସଂଗ୍ରହ ନିମନ୍ତେ ଭୁବନେଶ୍ୱରରେ 'ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨' ଅଭିଯାନ ଶୁଭାରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଂଜନ ଲେଙ୍କା, ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ର ଓଡ଼ିଶା ପ୍ରଭାରୀ ନମ୍ରତା ସୋନୀ, ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ତଥା ଓଡ଼ିଶା ସହ ପ୍ରଭାରୀ ଜାବେଦ ଖାନଙ୍କ ସମେତ ଯୁବ କଂଗ୍ରେସର ଅନ୍ୟ ପ୍ରଦେଶ ପଦାଧିକାରୀମାନେ ଉପସ୍ଥିତ ରହି ଅଭିଯାନର ଶୁଭାରମ୍ଭ କରିଥିଲେ ।

ଏହି ଅବସରରେ ପ୍ରଭାରୀ ନମ୍ରତା ସୋନୀ କହିଲେ ଯେ ୟଙ୍ଗ ଇଣ୍ଡିଆ କେ ବୋଲ ହେଉଛି ଏଭଳି ଏକ କାର୍ଯ୍ୟକ୍ରମ, ଯାହା ମାଧ୍ୟମରେ ଯୁବବର୍ଗ ନିଜ ଅଂଚଳଠାରୁ ଆରମ୍ଭ କରି ଜାତୀୟସ୍ତରୀୟ ବିଭିନ୍ନ ପ୍ରସଙ୍ଗ ଉପରେ ନିଜର ଦୃଢ଼ ମତ ଉପସ୍ଥାପନ କରିବାର ସୁଯୋଗ ପାଇପାରିବେ । ଏହି ପ୍ରକ୍ରିୟା ପାଇଁ ଏକ ଗୁଗୁଲ ଫର୍ମ ଜାରି କରାଯାଇଛି, ଯାହାକି ମେ ୩୧ ସୁଦ୍ଧା ପୂରଣ କରାଯାଇପାରିବ । ଦ୍ୱିତୀୟ ପର୍ଯ୍ୟାୟରେ ଏହି ଅଂଶଗ୍ରହଣକାରୀମାନଙ୍କୁ ନେଇ ଜିଲ୍ଲାସ୍ତରରେ ବିଭିନ୍ନ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯିବ । ଏଥିରେ କୃତୀ ପ୍ରତିଯୋଗୀ ପରେ ରାଜ୍ୟସ୍ତରୀୟ ଏବଂ ବିଭିନ୍ନ ରାଜ୍ୟରୁ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ, ଯାହାକି ଆସନ୍ତା ଅକ୍ଟୋବର ମାସରେ ଅନୁଷ୍ଠିତ ହେବ ।

ସହ ପ୍ରଭାରୀ ଜାବେଦ ଖାନ ସୂଚନା ଦେଇ କହିଲେ ଯେ ସାରା ଦେଶରେ ଯୁବ ପ୍ରତିଭା ଓ ସାହସୀ ଯୁବବର୍ଗଙ୍କୁ ଖୋଜି ବାହାର କରିବା ନିମନ୍ତେ ରାହୁଲ ଗାନ୍ଧିଙ୍କ ଅଭିନବ ପରିକଳ୍ପନା ସ୍ୱରୂପ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ୨୦୨୧ରେ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ମାଧ୍ୟମରେ ୨୭ଜଣ ରାଷ୍ଟ୍ରୀୟ ପ୍ରବକ୍ତା ଓ ୨୫୦ରୁ ଉର୍ଦ୍ଧ୍ୱ ପ୍ରଦେଶସ୍ତରୀୟ ପ୍ରବକ୍ତାଙ୍କୁ ଚୟନ କରାଯାଇଥିଲା । ରାହୁଲ ଗାନ୍ଧିଙ୍କ ଏହି ପରିକଳ୍ପନାକୁ ପୁଣି ଥରେ ସାକାର କରିବା ନିମନ୍ତେ ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରଭାରୀ କ୍ରିଷ୍ଣା ଆଲାବାରୁଙ୍କ ମାର୍ଗ ଦର୍ଶନ ତଥା ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧକ୍ଷ ବି.ଭି ଶ୍ରୀନିବାସଙ୍କ ନେତୃତ୍ୱରେ ଦେଶବ୍ୟାପୀ ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ ଆରମ୍ଭ ହୋଇଛି । ଗତ ୨୬ ମାର୍ଚ୍ଚରୁ ଯୁବ କଂଗ୍ରେସ ରାଷ୍ଟ୍ରୀୟ କାର୍ଯ୍ୟାଳୟଠାରେ ଉଦ୍‌ଘାଟିତ ହୋଇଥିବା ଏହି ଅଭିଯାନ ବିଭିନ୍ନ ରାଜ୍ୟରେ କରାଯାଉଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ଜ୍ଞାନ ରନ ରାଉତ, ବୀରେନ କୁମାର ଦଳେଇ, ଆଶୁତୋଷ ଲେଙ୍କା, ଶ୍ରୀବସ୍ତ ରଥ, ମନିଷା ଦାଶ ପଟ୍ଟନାୟକ, ରାକେଶ ଦାସ, ରିତୁଲ ମହାରଣା, ସୌମ୍ୟରଂଜନ ମିଶ୍ର, ଅକ୍ଷୟ କୁମାର ମଲ୍ଲ, ହରିଶଙ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ ସଭାପତି ଅଗାଧୁ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସରକାରଙ୍କ ଶିକ୍ଷା ଓ ଶିକ୍ଷକ ମାରଣ ନୀତିକୁ ତୀବ୍ର ସମାଲୋଚନା କରିବା ସହ ଦୀର୍ଘ ୬ ବର୍ଷ ଧରି ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ ନୂତନ ଶିକ୍ଷକ ନିଯୁକ୍ତି କରି ନାହାନ୍ତି । ଫଳରେ ବହୁ ଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇପଡିଛି । ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ଗୁଣାତ୍ମକ ମାନ ବୃଦ୍ଧି ପାଇନାହିଁ ବୋଲି ସଂଘ ଅଭିଯୋଗ କରିଛି । ତେବେ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟାରୁ ଶିକ୍ଷା ଅଧିକାରୀମାନେ ସମାଧାନ କରିପାରି ନାହାନ୍ତି । ସମସ୍ତ ଜିଲ୍ଲାର ଶିକ୍ଷକଙ୍କ ପଦୋନ୍ନତି ଦିଆଯାଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ଲେବୁଲ୫(କ)ରୁ ୫(ଖ)ରୁ ଲେବୁଲ ୪କୁ ପଦୋନ୍ନତି କରାଯାଉନାହିଁ । ଶିକ୍ଷକମାନଙ୍କୁ ନିଜ ବ୍ଲକକୁ ବଦଳି କରିବା, ବେଗୁନିଆ ବ୍ଲକର ଯେଉଁ ଶିକ୍ଷକମାନଙ୍କର ୧୦ ବର୍ଷ ପୂରଣ ହୋଇଛି ସେମାନଙ୍କୁ ଏମଏସପି ସୁବିଧା ଦେବା, ମାସର ପ୍ରଥମ ଦିନର ଦରମା ପ୍ରଦାନ କରିବା ଓ ଶିକ୍ଷକମାନଙ୍କୁ ଡିଆଇସି ପାସ ବୁକ ପ୍ରଦାନ କରାଯାଉ ନଥିବାରୁ ନେତୃବୃନ୍ଦ ଅସନ୍ତୋଷ ପ୍ରକାଶ କରିଥିଲେ ।

# ଓଡିଶାରେ ବିଲାଇଭର ୫ମ ମଲ୍ଟି ବ୍ରାଣ୍ଡ ଷ୍ଟୋର

ଭୁବନେଶ୍ୱର,(ପି.ଏନ): ସାରା ଦେଶରେ ଏହାର ସମ୍ପ୍ରସାରଣ ପ୍ରୟାସ ଜାରି ରଖିଥିବା ବିଲାଇଭ ଭାରତର ଦ୍ରୁତତମ ବୃଦ୍ଧି ପାଉଥିବା ମଲ୍ଟି ବ୍ରାଣ୍ଡ ଇଲେକ୍ଟ୍ରିକ୍ ଯାନ ପ୍ଲାଟଫର୍ମ,ଏହାରପଞ୍ଚମ ମଲ୍ଟି ବ୍ରାଣ୍ଡ ଷ୍ଟୋର ଓଡିଶାର ବ୍ରହ୍ମପୁରରେ ଖୋଲିଛି । ବିଲାଇଭର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରତୀକ ଦାଶଙ୍କ ସହ ଶ୍ରୀ ସ'ୋଷ କୁମାର ଅଗ୍ରୱାଲ, ଆଶିଷ ଅଗ୍ରୱାଲ ଏବଂ ଷ୍ଟୋର କର୍ମଚାରୀଙ୍କ ଉପସ୍ଥିତିରେ ଏହି ଷ୍ଟୋରକୁ ଉଦଘାଟନ କରିଥିଲେ । ବୈଦ୍ୟୁତିକ ଗତିଶୀଳତା ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧିରେ ବିଶ୍ୱ ସଚେତନତା ହେତୁ ଗ୍ରାହକଙ୍କ ଚାହିଦାର ବୃଦ୍ଧିକୁ ନଜରରେ ରଖି ଏହି ଭାରତର ୨୬ ତମ ଇଭି ଷ୍ଟୋରକୁ ଓଡିଶାର ବ୍ରହ୍ମପୁରରେ ଖୋଲାଯାଇଛି । ବିଲାଇଭ ଷ୍ଟୋର ଏକାଧିକ ଇଭି ବ୍ରାଣ୍ଡ, ବିଶେଷଜ୍ଞ ସମର୍ଥନ, ସହଜ ଅର୍ଥ ଏବଂ ରୋମାଞ୍ଚକର ଅଫରରୁ ବିଭିନ୍ନ ପ୍ରକାରର ବୈଦ୍ୟୁତିକ ଯାନ ପ୍ରଦାନ କରେ । ବିଭିନ୍ନ ବୈଦ୍ୟୁତିକ ସ୍କୁଟର, ଚକ, ମୋଟରସାଇକେଲ ଏବଂ ବିତରଣ ଯାନ ପାଇଁ କ୍ରେତାମାନେ ଇଏମଆଇରେ ମାସକୁ ୨,୦୦୦ ରୁ କମ୍ ଚୟନ କରିପାରିବେ । ୨୦ ରୁ ଅଧିକ ଫ୍ରାଞ୍ଚାଇଜ୍ ମାଲିକାନା ଷ୍ଟୋରଗୁଡିକର ଏକ ନେଟୱାର୍କ ସହିତ,ବିଲାଇଭ ୨୫୦୦ ରୁ ଅଧିକ ପରିବାର ଏବଂ ବ୍ୟବସାୟକୁ ବୈଦ୍ୟୁତିକ ଯାନ ମାଧ୍ୟମରେ ସାହାଯ୍ୟ କରିଛି । ଷ୍ଟୋରରେ କିନେଟିକ୍ ଗ୍ରୀନ୍, ହିରୋ ଲେକ୍ଟ୍ରୋ, ଡିଟେଲ, ବ୍ୟାଟ୍‌ରେ, ଜେମୋପାଇ, ଟେଟୋ ଇଲେକ୍ଟ୍ରା, ଇ-ମୋଟୋରଡ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଯାନ ପ୍ରଦର୍ଶିତ ହୋଇଛି । ଗ୍ରାହକମାନେ ଷ୍ଟାଇଲିସ୍ ଲୁକ୍ ସହିତ ବହୁ ପ୍ରତୀକ୍ଷିତ ହାଇ ସ୍ପିଡ୍ ଇଭିଗୁଡିକ ମଧ୍ୟରୁ ଗୋଟିଏ ଅନୁଭବ କରିପାରନ୍ତି - ବିଲାଇଭର ମଲ୍ଟି ବ୍ରାଣ୍ଡ ଷ୍ଟୋରରେ ବ୍ୟାଟ୍: ପୁନ ଷ୍ଟୋରୀ । ଏହି ସ୍ମାର୍ଟ ଏବଂ ଅଭିନବ ଇ-ବାଇକ୍ ବ୍ୟାଟ୍‌ରେ ଏହାର ରେ ପ୍ରଥମ ଅଟୋସିଇଓ ତଥା ସହ-ପ୍ରତିଷ୍ଠାତା ସମର ଖୋଲକର କହିଛନ୍ତି ଯେ 'ଓଡିଶାରେ ଭଳି ରାଜ୍ୟରେ ଏକ ନୂତନ ମଲ୍ଟି ବ୍ରାଣ୍ଡ ଅଭିଜ୍ଞତା ଷ୍ଟୋର ସହିତ ଆମର ଉପସ୍ଥିତି ବଢାଇବାକୁ ଆମେ ଉତ୍ସାହିତ । ସତ କହିବାକୁ ଗଲେ, ଆମେ ଓଡିଶାରେ ଏହି ପ୍ରକାରର ଜବରଦସ୍ତ ପ୍ରତିକ୍ରିୟା ପାଇବାକୁ ଆଶା କରିନାହୁଁ; ଆମେ ପ୍ରକୃତରେବ୍ରହ୍ମପୁରର ନୂତନ ଷ୍ଟୋର ଲୋକମାନଙ୍କୁ ଇଲେକ୍ଟ୍ରିକ୍ ଗତିଶୀଳତାପାଇଁ ଇଭିଏସ୍ ଷ୍ଟୋର ହୋମ ଡେମୋକୁ ମଧ୍ୟ ସୁଗମ କରିବ ଏବଂ ଗ୍ରାହକଙ୍କୁ ରୋମାଞ୍ଚକର ଅଫର ଏବଂ ସହଜ ଫାଇନାନ୍ସ ବିକଳ୍ପ ବିଷୟରେ ସୂଚନା ପ୍ରଦାନ କରିବ । 'ଜଳବାୟୁ ପରିବର୍ତ୍ତନ ଚି'ାଧାରାକୁ ନେଇ ବିଶ୍ୱସ୍ତରୀୟ ସଚେତନତା ସହିତ ବୈଦ୍ୟୁତିକ ଗତିଶୀଳତା ବୃଦ୍ଧି ପାଇଁ ଭାରତର ପ୍ରତିବଦ୍ଧତା ଦ୍ୱାରା ରାଜ୍ୟ ସରକାର ଚଳିତ ବର୍ଷ ପ୍ରାରମ୍ଭରେ ଏହାର ଇଭି ନୀତି ପ୍ରକାଶ କରିଛନ୍ତି ଯାହା ଉଭୟ ବ୍ୟକ୍ତିଗତ ଗତିଶୀଳତା ଏବଂ ସାଧାରଣ ପରିବହନ ବିଭାଗରେ ବୈଦ୍ୟୁତିକ ଯାନ ଗ୍ରହଣକୁ ସମର୍ଥନ କରିବ । ଇଭି ନୀତି ମଧ୍ୟ ସ୍ୱଚ୍ଛ ଶକ୍ତି ଉତ୍ସ ଉପରେ ଧ୍ୟାନ ଦେଇ ଇଲେକ୍ଟ୍ରିକ୍ ଭେଇକିଲ୍ ଚାର୍ଜିଂ ଷ୍ଟେସନ୍ ଏବଂ ବ୍ୟାଟେରୀ ସ୍ୱାପିଂ ଷ୍ଟେସନର ଏକନେଟୱାର୍କ ସୃଷ୍ଟି କରିବାକୁ ସକ୍ଷମ କରିବାକୁ ଚେଷ୍ଟା କରେ ।ଚଳିତ ବର୍ଷ ଫେବୃଆରୀରେ ଘୋଷିତ ହୋଇଥିବା ଇଭି ନୀତି ଅନୁଯାୟୀ ମିଶନ ଶକ୍ତି, ବ୍ୟକ୍ତିବିଶେଷ ତଥା ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଓଡିଶା ସରକାର ସ୍ୱତନ୍ତ୍ର ଯୋଜନା ଘୋଷଣା କରିଛନ୍ତି । ବ୍ରହ୍ମପୁରରେ ଥିବା ବିଲାଇଭ ଷ୍ଟୋରର ଆଶିଷ ଅଗ୍ରୱାଲ ଏହି ଉନ୍ମୋଚନ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, 'ଆମେ ବିଲାଇଭ ସହ ସହଭାଗୀ ହୋଇ ଗର୍ବିତ ଏବଂ ଓଡିଶାରେ ବୈଦ୍ୟୁତିକ ଗତିଶୀଳତାକୁ ଉତ୍ସାହିତ କରିବା ଦିଗରେ ଆମର ପ୍ରତିବଦ୍ଧତା ପ୍ରଦର୍ଶନ କରୁଛୁ । ଇଭିଏସ୍ ଶୀଘ୍ର ଜନତାଙ୍କ ମଧ୍ୟରେ ଆକର୍ଷିତ ହେବାରେ ଲାଗିଛି, ସେମାନଙ୍କର କାର୍ଯ୍ୟଦକ୍ଷତା ଏବଂ ନିର୍ଭରଯୋଗ୍ୟତା ଉପରେ ସାମାନ୍ୟ ଆଶଙ୍କା ଅଛି । ଆମେ ଲୋକମାନଙ୍କୁ ଅନୁରୋଧ କରୁଛୁ ଯେ ଆମର ବୈଦ୍ୟୁତିକ ଯାନଗୁଡିକର ପରିସର ଅନୁସନ୍ଧାନ କରିବାକୁ ଏବଂ ଇଲେକ୍ଟ୍ରିକ୍ ଗତିଶୀଳତା କାହିଁକି ଘଣ୍ଟାର ଆବଶ୍ୟକତା ଅଟେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Wednesday May 29, 2024 ଭୁବନେଶ୍ୱର ବୁଧବାର, ମଇ ୨୯,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ୨୯ ତମ ଜାତୀୟ ସବ ଜୁନିଅର ଓଡିଶା ଟେନିସ ବଲ କ୍ରିକେଟ ଦଳ କୁ ରୌପ୍ୟ ପଦକ




ଗୁଜୁରାଟ ,(ପି.ଏନ): ୨୯ ତମ ଜାତୀୟ ସବ ଜୁନିଅର ଟେନିସ ବଲ କ୍ରିକେଟ ଚାମ୍ପିୟନସିପ ୨୫ ମେ ରୁ ଆରମ୍ଭ କରି ୨୮ ମେ ୨୦୨୪ ପର୍ଯ୍ୟନ୍ତ ଗୁଜୁରାଟ ର ଅହମଦାବାଦ ଠାରେ ଆୟୋଜିତ ହୋଇଥିବା ୨୯ତମ ଜାତୀୟ ସବ ଜୁନିଅର ଟେନିସ ବଲ କ୍ରିକେଟ ଚାମ୍ପିଅନସିପ ରେ ୩୦ ଟି ରାଜ୍ୟ ଅଂଶ ଗ୍ରହଣ କରିଥିଲେ , ଏହିଥିରେ ଓଡିଶା ଦଳ ପ୍ରଥମ ଲିଗ ମ୍ୟାଚ୍ ରେ ଦମନଦୀଉ ସହିତ ଖେଳି ଦମନଦୀଉ କୁ ୭୯ ରେ ରେ ପରାସ୍ତ କରି ଦ୍ୱିତୀୟ ଲିଗ ରେ ମୁମ୍ବାଇ ସହିତ ଖେଳି ୫୨ ରନ ରେ ମୁମ୍ବାଇ କୁ ହରାଇ ପ୍ରିକ୍ୱାଟର ରେ ଓଡିଶା ଦଳ ସି ବି ଏସ ଇ ସହିତ ଖେଳି ୩୨ ରନ ରେ ହରାଇ କ୍ୱାଟର ଫାଇନାଲ ରେ ଗୁଜୁରାଟ କୁ ୪୬ ରନ ରେ ହରାଇ ସେମିଫାଇନାଲ ରେ ପୂର୍ବାଂଚ୍ଳ ଦଳକୁ ୫୦ ରନ ରେ ପରାସ୍ତ କରି ଫାଇନାଲ ରେ ପ୍ରବେଶ କରିଥିଲା . ଫାଇନାଲ ରେ ଉତ୍ତର ପ୍ରଦେଶ ଠାରୁ ୬ ରନ ରେ ପରାସ୍ତ ହୋଇ ଉତ୍ତର ପ୍ରଦେଶ ବିଜୟୀ ହୋଇଥିବା ବେଳେ ଓଡିଶା ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରି ଓଡିଶା ପାଇଁ ଗୌରବ ଆଣିଛନ୍ତି . ଓଡିଶା ଦଳ ର କୋଚ୍ ରଞ୍ଜନ ନାୟକ ଏବଂ ମ୍ୟାନେଜେର ଟି ଦିଲେଶ୍ୱର ରାଓ କୁ ସଂଘର ସଭାପତି ଶ୍ରୀ ସୁରଜ କୁମାର ମିଶ୍ର , ସମ୍ପାଦକ ଶିଥିଳ କୁମାର ପଣ୍ଡା , ସହ ସମ୍ପାଦକ ସୋମନାଥ ପରିଡା ଓଡିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

## ଧର୍ମଶାଳା କଂଗ୍ରେସର ମିଶ୍ରଣ ପର୍ବ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ କୁମାରୀସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ପଟୁଣିଆ ପଂଚାୟତର ପୂର୍ବତନ ନାଏବ ସରପଂଚ ଅନ କୁମାର ରାଉତ, ଧିରେନ୍ଦ୍ର କୁମାର ରାଉତ, ବାବୁଲି ମଲିକ, ଅଁଶୁମାନ ରାଉତ, ସ୍ୱାଧିନ ରାଉତ, ରାଜା ମଲିକ, ଆକାଶ ମଲିକ ପ୍ରମୁଖ ସେମନଙ୍କ ସମର୍ଥକଙ୍କ ସହିତ କଂଗ୍ରେସ ଦଳରେ ଯୋଗଦେଇଥିଲେ । ଧର୍ମଶାଳା କଂଗ୍ରେସ ପ୍ରାର୍ଥୀ କିଶାନ ପଣ୍ଡା ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ବସନ୍ତ ପରିଡା , ପୁର୍ବତନ ଯୁବ କଂଗ୍ରେସ ସଭାପତି ସୟ କୁମାର ରାଉତ, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ରାୟ, ପୁର୍ବତନ ସରପଂଚ ପୂର୍ଣ୍ଣ ଚନ୍ଦ୍ର ତରାଇ, ନକୁଳ ଜେନା, ଅମରେନ୍ଦ୍ର ସାମଲ, ପ୍ରଭାତ ରାଉତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଚାନ୍ଦବାଲିରେ ମନମୋହନ ସାମଲ ଓ ପୁରନ୍ଦର ମିଶ୍ରଙ୍କର ଧୂଆଁଧାର ପ୍ରଚାର

ଭୁବନେଶ୍ୱର ,(ପି.ଏନ): ଚାନ୍ଦବାଲି ଠାରେ ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ତଥା ଏଠାକାର ଦଳୀୟ ପ୍ରାର୍ଥୀ ମନମୋହନ ସାମଲ ଏବଂ ଛତିଶଗଡ଼ ରାଜ୍ୟ ବିଜେପି ପକ୍ଷରୁ ଓଡ଼ିଶା ନିର୍ବାଚନ ପାଇଁ ନିଯୁକ୍ତ ସହ-ପ୍ରଭାରୀ ଓ ରାୟପୁର ନଗର ଉତ୍ତରର ବିଧାୟକ ପୁରନ୍ଦର ମିଶ୍ର ମିଳିତ ଭାବେ ଧୂଆଁଧାର ପ୍ରଚାର କରିଥିବା ଜଣାଯାଇଛି । ଉଭୟ ଶ୍ରୀ ସାମଲ ଓ ଶ୍ରୀ ମିଶ୍ର ନିର୍ବାଚନୀ ଜନସଭାମାନଙ୍କୁ ସମ୍ବୋଧନ କରିବା ସାଙ୍ଗକୁ ବିଶାଳକାୟ ରୋଡ଼ଶୋ କରି ଦଳର ସପକ୍ଷରେ ଜନମତ ଜାଗ୍ରତ କରିବା ପାଇଁ ଜୋରଦାର ଉଦ୍ୟମ କରିଥିବା ଦେଖାଯାଇଥିଲା ।ଦଳର ଚିହ୍ନ ପଦ୍ମ ଫୁଲ, ପୋଷ୍ଟର, ବ୍ୟାନର, ପତାକା ଏବଂ ଉତ୍ତରୀୟ ଆଦି ଧାରଣ କରି ସହସ୍ରାଧିକ କର୍ମୀ, ସମର୍ଥକ ଓ ଶୁଭେଚ୍ଛୁ ଏହି ପ୍ରଚାର ଅଭିଯାନରେ ସାମିଲ ହୋଇ ସମଗ୍ର ପରିବେଶକୁ ଗୈରିକ ସ୍ୱରୂପ ପ୍ରଦାନ କରିବାର ଦୃଶ୍ୟ ବେଶ ମର୍ମସ୍ପର୍ଶୀ ଥିଲା । ଏହି ଅବସରରେ ବିଭିନ୍ନ ପଥପ୍ରାନ୍ତ ସଭାରେ ଭାଷଣ ଦେଇ ପୁରନ୍ଦର ମିଶ୍ର ଓଡ଼ିଶାରେ ଏଥର ନିରଙ୍କୁଶ ସଂଖ୍ୟା ଗରିଷ୍ଠତାର ସହିତ ବିଜେପି ସରକାର ଗଢ଼ିବ ଏବଂ ଲୋକସଭାର ସମସ୍ତ ୨୧ଟି ଯାଙ୍କ ଆସନ ହାସଲ କରିବ ବୋଲି ଘୋଷଣା କରିଥିଲେ । ରାଜ୍ୟରେ ପରିବର୍ତ୍ତନର ବତାସ ବହୁଥିବା ସେ ସୂଚାଇ ଥିଲେ ।ନିରୀହ ଓଡ଼ିଶାବାସୀ ଦୀର୍ଘ ୨୫ବର୍ଷ ଧରି ନବୀନ ପଟ୍ଟନାୟକଙ୍କର ଭ୍ରଷ୍ଟାଚାରୀ ସରକାରକୁ ସହ୍ୟ କରିବା ପରେ ଏବେ ଅତିଷ୍ଠ ହୋଇଉଠିଥିବା ଶ୍ରୀ ମିଶ୍ର ଉଲ୍ଲେଖ କରିଥିଲେ । ବିଜୁ ଜନତା ଦଳର ସରକାର ରାଜ୍ୟର ଜନସାଧାରଣଙ୍କର ହକ୍ ଓ ଅଧିକାରକୁ କ୍ରମାଗତ ଭାବେ ବଞ୍ଚିତ କରି ସେମାନଙ୍କର ଭାବନା ସହିତ ଖେଳ ଖେଳିବାର ଅପଚେଷ୍ଟା କରିଥିବା ସେ ଦର୍ଶାଇଥିଲେ । ଏଣୁ ଏଥର ରାଜ୍ୟର ଜନତା ଅପାରଗ ନବୀନ ପଟ୍ଟନାୟକଙ୍କର ଅପଦାର୍ଥ ଶାସନକୁ ବଦଳାଇବା ପାଇଁ ମନ ସ୍ଥିର କରିଥିବା ଶ୍ରୀ ମିଶ୍ର ସୂଚାଇଥିଲେ । ଏଠାକାର ଲୋକମାନଙ୍କର, ପ୍ରଧାନମନ୍ତ୍ରୀ ମୋଦୀଙ୍କର ଗ୍ୟାରେଣ୍ଟି ଉପରେ ସମ୍ପୂର୍ଣ୍ଣ ଆସ୍ଥା ରହିଥିବାରୁ ସେମାନେ ଏଠାରେ ବିଜେପି ସରକାର ପ୍ରତିଷ୍ଠା କରି ଓଡ଼ିଶାରେ ନବନିର୍ମାଣ ଯୁଗର ଅୟମାରମ୍ଭ କରିବାକୁ ବଦ୍ଧପରିକର ଥିବା ସେ କହିଥିଲେ । ଜୁନ ୧୦ ତାରିଖରେ ଭୁବନେଶ୍ୱର ଠାରେ ଶପଥ ନେବାକୁ ଯାଉଥିବା ନୂଆ ବି.ଜେ.ପି ସରକାର ଚାଷୀ,ମହିଳା, ଯୁବସମ୍ପ୍ରଦାୟ ଏବଂ ଗରୀବଗୁରୁବାଙ୍କର ସର୍ବାଙ୍ଗୀନ କଲ୍ୟାଣ ଦିଗରେ ବିଶେଷ ଧ୍ୟାନ ଦେବ ବୋଲି ଶ୍ରୀ ମିଶ୍ର ଭରସା ପ୍ରଦାନ କରିଥିଲେ । ପ୍ରାର୍ଥୀ ମନମୋହନ ସାମଲ ତାଙ୍କର ଉଦବୋଧନରେ ଦୀର୍ଘ ୨୫ବର୍ଷ ହେଲା ବିଜେଡିର ଶାସନ କାଳରେ ଚାନ୍ଦବାଲି ବ୍ୟାପକ ଅବହେଳାର ଶୀକାର ହୋଇଥିବା ଉଲ୍ଲେଖ କରିଥିଲେ ।ଚାନ୍ଦବାଲିର ଭାଗ୍ୟଦ୍ୟୋୟ ପାଇଁ ଚଳିତ ନିର୍ବାଚନ ଅପୂର୍ବ ସୁଯୋଗ ଆଣିଦେଇଥିବା ସେ କହିଥିଲେ । ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆସିଲେ ଚାନ୍ଦବାଲି ବିକାଶର ଶୀଖରକୁ ଛୁଇଁବା ସ୍ୱତଃସିଦ୍ଧ ବୋଲି ଶ୍ରୀ ସାମଲ ଦମ୍ଭ ପ୍ରକାଶ କରିଥିଲେ । ପୁରନ୍ଦର ମିଶ୍ର ସୁଦୂର ଛତିଶଗଡ଼ ରାଜ୍ୟରୁ ଆସି ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଦଳର ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରି ସେମାନଙ୍କର ମନୋବଳକୁ ସୁଦୃଢ଼ କରିଥିବାରୁ ମନମୋହନ ସାମଲ ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୋଷ୍ଟର ଲଗାଇବାକୁ କେନ୍ଦ୍ର କରି ମାଡପିଟ୍ ଘଟଣାରେ ୨ ଗିରଫ

ଧର୍ମଶାଳା, ପିଏନ୍): ଧର୍ମଶାଳା ବ୍ଲକ ପାଖର ପଂଚାୟତର ପାଖର ଗ୍ରାମରେ ସୋମବାର ପୋଷ୍ଟର ଲଗାଇବାକୁ କେନ୍ଦ୍ର କରି ଘଟିଥିବା ମାଡପିଟ ଘଟଣାରେ ପୁଲିସ ୨ ଜଣଙ୍କୁ ଗିରଫ କରିଛି । ସୂଚନା ମୁତାବକ ପାଖର ଗ୍ରାମର ରମେଶ ଖିଲାର ଗାଁରେ ଜଣେ ସ୍ୱାଧିନ ପ୍ରାର୍ଥିଙ୍କ ପୋଷ୍ଟର ମାରୁଥିଲେ । ତେବେ ଏହି ସମୟରେ ବିଜେଡିର କିଛି କର୍ମୀ ସେଠାରେ ପହଁଚି ତାକୁ ବିରୋଧ କରିଥିଲେ । ତେବେ ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ଓ ପରେ ମାଡପିଟ ହୋଇଥିଲା । ଯୋଉଁଥିରେ ରମେଶ ଖିଲାରଙ୍କ ମୁଣ୍ଡ ପାଠି ଯିବାରୁ ସେ ଗୁରୁତର ଆହତ ହୋଇଥିଲେ । ପରିବାର ଲୋକେ ତାଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତି କରିଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଛାଡିଦିଆଯାଇଥିଲା । ଏନେଇ ରମେଶ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ୭୧୨/୨୪ରେ ଏକ ମାମଲା ରୁଜୁ କରି ସେହି ଗ୍ରାମର ପରେଶ ପରିଡା(୪୨), ପ୍ରଭଞ୍ଜନ ମହାନ୍ତି (୪୯)ଙ୍କୁ ଗିରଫ କରାଯାଇ ଚଣ୍ଡିଖୋଲ କୋର୍ଟକୁ ଚଲାଣ କରାଯାଇଥିବା ନେଇ ଧର୍ମଶାଳା ଥାନା ଅଧିକରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି ।

## ଧର୍ମଶାଳା ବିଜେଡିର ମିଶ୍ରଣ ପର୍ବ

ଧର୍ମଶାଳା, (ପିଏନ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ବିଜେଡିର ଏକ ମିଶ୍ରଣ ପର୍ବ ଜାରକା(ନୂଆଗାଁ)ସ୍ଥିତ କାର୍ଯ୍ୟାଳୟରେ ଆଜି ଅନୁଷ୍ଠିତ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତିଆଦର୍ଶ ଓ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ରାଇଛନ୍ଦା ପଂଚାୟତର ଚନ୍ଦ୍ରମଣି ସାହୁ, ଚାନ୍ଦ ମଲିକ, ଦୀପକ ମଲିକ, କାବୁଲା ମଲିକ, ବଡକାଏମା ପଂଚାୟତର କାଳନ୍ଦୀ ମଲିକ, ଦିଲୀପ୍ତ ମଲିକ, ସତ୍ୟ ମଲିକ, ରାକେଶ ମଲିକ, ସତ୍ୟଜିତ୍ ମଲିକ, ରାଧାନଗର ଗ୍ରାମର ରବୀନ୍ଦ୍ର ସାମଲ, ଶ୍ରୀଧର ସାହୁ, ଅଜିତ୍ ସାହୁ, ମାନସ ବେହେରା, ପ୍ରକାଶ କୁମାର ନାୟକ, ମିଲନ ନାୟକ, କଲଣ ପଂଚାୟତ ଶୁଳିଆ ଗ୍ରାମର ତ୍ରିନାଥ ମଲିକ, କାହ୍ନା ପଣ୍ଡା, ମୁନା ମଲିକ, ଶୁଭମ ପ୍ରଧାନ, ଦୀନବନ୍ଧୁ ସାହୁ, ସନ୍ତୋଷ ଦାସ, ଅମରେଶ ଶତପଥୀଙ୍କ ସମେତ ଅନ୍ୟଦଳର ଶତାଧିକ କର୍ମୀ ବିଜେଡିରେ ଯୋଗ ଦେଇଥିଲେ । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ନବାଗତମାନଙ୍କୁ ଦଳୀୟ ଉତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ । ଧର୍ମଶାଳା ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ବ୍ଲକ୍ ବିଜେଡ଼ି ସଭାପତି ଜଳଧର ମହାନ୍ତି, ଯୁବ ବିଜେଡି ସଭାପତି କ୍ଷିତୀଶ ନାୟକ ଓ ଛାତ୍ର ବିଜେଡ଼ି ସଭାପତି ଜଗଦାନନ୍ଦ ରାଉତ, ବିଜେଡ଼ି ନେତା ବଟକୃଷ୍ଣ ରାଉତ, ବ୍ରହ୍ମାନନ୍ଦ ରାଉତ, ଅଙ୍କୁର ଚରଣ ରାଉତ, ଅରୂପ ନାରାୟଣ ପ୍ରସାଦ, ରବୀନ୍ଦ୍ର ସାହୁ ଓ ସୁବାଷ ସାମଲ ଏଥିରେ ସହଯୋଗ କରିଥିଲେ ।

ପୂର୍ବ ତଟ ରେଳପଥ

E-Tender20,ତା.22.05.2024ରିଖ

(1)ଟେଣ୍ଡର ନଂ.e-Tender-EastKUR-11-2024,ତା.17.05.2024ରିଖ

[illegible] 399.50 [illegible] 403 ଏବଂ କି.ମି.401.00 [illegible] 402.40 [illegible]

[illegible] 49.33 [illegible], EMD (₹) : 98,600/- ।

(2)ଟେଣ୍ଡର ନଂ.e-Tender-BRIDGEKUR-72-24,ତା.16.05.2024ରିଖ

[illegible] 3000 MT [illegible] BGML/RSG [illegible] 550 DN, 567UP, 951DN, 2CP DN, 4CP DN, 535A DN [illegible] ।

[illegible] 2915.79 [illegible], EMD (₹) : 16,07,900/- ।

(3)ଟେଣ୍ଡର ନଂ.e-Tender-EastKUR-73-2024,ତା.17.05.2024ରିଖ

[illegible] 6.0 [illegible] ।

[illegible] 122.11 [illegible], EMD (₹) : 2,11,100/- ।

(4)ଟେଣ୍ଡର ନଂ.etendernorthkur-74-2024,ତା.17.05.2024ରିଖ

[illegible] (Ex) [illegible] (Ex) [illegible] 30.08.2025 [illegible] ₹.5,00,000/- [illegible] (Addition & Alteration), [illegible] ।

[illegible] 64.85 [illegible], EMD (₹) : 1,29,700/- ।

[illegible] 06(ଛ) [illegible] 1 [illegible], 24 [illegible] 2 [illegible], 10(ଦଶ) [illegible] 3 [illegible] 12(ବାର) [illegible] 4 [illegible] ।

[illegible] ତା.07.06.2024 [illegible] 1500 [illegible] ।

[illegible] http://www.ireps.gov.in [illegible] ।

[illegible] 18(ଅଠର) [illegible] ।

[illegible]

PR-158/P24-25

## ଡ. ଅସିତ ମହାନ୍ତିଙ୍କୁ ନାରଦ ସମ୍ମାନ

ଭୁବନେଶ୍ୱର,(ପି.ଏନ):ବିଗତ ପ୍ରାୟ ୪୫ ବର୍ଷ ଧରି ଓଡିଶାର ସାହିତ୍ୟ, ସାମ୍ବାଦିକତା ଓ ସମ୍ପାଦନା କ୍ଷେତ୍ରରେ କାର୍ଯ୍ୟରତ, ପ୍ରମୁଖ ସମ୍ବାଦ ପତ୍ରର ବାର୍ତା ସମ୍ପାଦକ, ସମ୍ବାଦ-ପତ୍ରିକାର ପରିଚାଳନା ସମ୍ପାଦକ ଏବଂ ବିଭିନ୍ନ ସାପ୍ତାହିକ ଓ ମାସିକ ପତ୍ରିକାର ସମ୍ପାଦନା ସହିତ ଜଣେ କୃତବିଦ୍ୟ ଅନୁବାଦକ ଭାବରେ କେନ୍ଦ୍ର ଓ ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଡ.ଅସିତ ମହାନ୍ତିଙ୍କ ଏହି କୃତିତ୍ୱକୁ ସମ୍ମାନ ଜଣାଇ ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡିଶା ପକ୍ଷରୁ ନାରଦ ଜୟନ୍ତୀ ଅବସରରେ ୨୦୨୪ ବର୍ଷ ପାଇଁ ମର୍ଯ୍ୟାଦାପୂର୍ଣ୍ଣ ନାରଦ ସମ୍ମାନରେ ବିଭୂଷିତ କରାଯାଇଛି ।ଡ. ମହାନ୍ତି ମଧ ଜଣେ ସୁଖ୍ୟାତ ସ୍ତମ୍ଭକାର । 'ଶ୍ରୀ ସୟ' ଛଦ୍ମନାମରେ 'ସାହିତ୍ୟ ମହାଭାରତ' ସ୍ତମ୍ଭ ଏବଂ ସ୍ୱନାମରେ 'ସାହିତ୍ୟିକ ପାଣିପାଗ'ସ୍ତମ୍ଭ ତାଙ୍କୁ ସ୍ତମ୍ଭକାର ଭାବରେ ପ୍ରଚୁର ପ୍ରତିଷ୍ଠା ଦେଇଛି । ସଂସ୍କୃତି-ଗବେଷକ ଭାବରେ ତାଙ୍କ ପ୍ରଦତ ତଥ୍ୟ ଆଧାରରେ ଓଡିଶାର ରସଗୋଲା ଜି.ଆଇ.ମାନ୍ୟତା ପାଇଛି । ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ମଧ ତାଙ୍କୁ ସମ୍ମାନସୂଚକ ଡି.ଲିଟ୍. ପ୍ରଦାନ କରି ସ୍ୱୀକୃତି ଦେଇଛି । ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡିଶା ତରଫରୁ ବରିଷ୍ଠ ସ୍ତମ୍ଭଲେଖକ ଅଧ୍ୟାପକ ନିରନ ପାଢୀଙ୍କ ଅଧକ୍ଷତାରେ ରାଜ୍ୟସ୍ତରୀୟ 'ବିଂଶତମ ନାରଦ ସମ୍ମାନ' ଉତ୍ସବ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ଓଡିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ପୂର୍ବତନ ରାଜ୍ୟ ନିର୍ବାଚନ କମିଶନର ଡ. ଅଜିତ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହକ୍ଷେତ୍ର ପ୍ରଚାର ପ୍ରମୁଖ ତଥା ଶାହା ଇନ୍ଷ୍ଟିଚ୍ୟୁଟ ଅଫ ନିଉକ୍ଲିୟର ଫିଜିକ୍ସ ପରମାଣୁ ଉର୍ଜା ବିଭାଗ,କୋଲକାତାର ସଦସ୍ୟ ପ୍ରାଧ୍ୟାପକ ଡ.ଜିଷ୍ଣୁ ବସୁ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ । ଡ. ମହାନ୍ତିଙ୍କୁ ମାନପତ୍ର, ଉତରୀୟ, ନାରିକେଳ ଓ ୨୧ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ,ଓଡିଶା ପୂର୍ବ ପ୍ରାନ୍ତର ସହ ପ୍ରାନ୍ତ ପ୍ରଚାର ପ୍ରମୁଖ ଶ୍ରୀ ସୁମନ୍ତ କୁମାର ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ମହାନଗର ସଂଘଚାଳକ ସିନ୍ନିବାଶ ମାନସିଂହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଇଂ ଜ୍ଞାନ ରଂଜନ ନାୟକ ମାନପତ୍ର ପାଠ କରିଥିଲେ ଏବଂ ସହ ପ୍ରାନ୍ତ ପ୍ରଚାର ପ୍ରମୁଖ ମନିନ୍ଦ୍ର ସୁନ୍ଦର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ୟୁନିଟ-୮, ଭୁବନେଶ୍ୱରର ଛାତ୍ରଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ବିଶ୍ୱ ସମ୍ବାଦ କେନ୍ଦ୍ର,ଓଡିଶା ତରଫରୁ ଗଣମାଧମରେ ସ୍ୱାଧିନତା ସମ୍ବନ୍ଧରେ ସଚେତନତା ସୃଷ୍ଟି କରୁଥିବା, ଜନସାଧାରଣଙ୍କୁ ନିରପେକ୍ଷ,ମୁକ୍ତ ଓ ଦାୟିତ୍ୱ ସମ୍ପନ୍ନ ସମ୍ବାଦ ପରିବେଷଣ ସହ ରାଷ୍ଟ୍ରୀୟ ବିଚାରଧାରାର ପ୍ରସାର ପାଇଁ ଲେଖନି ଚାଳନା କରୁଥିବା ଗଣମାଧମର ବ୍ୟକ୍ତିତ୍ୱଙ୍କୁ ପ୍ରତି ବର୍ଷ ନାରଦ ଜୟନ୍ତୀରେ ରାଜ୍ୟ ସ୍ତରୀୟ ନାରଦ ସମ୍ମାନ ପ୍ରଦାନ କରାଯାଇଥାଏ । ୨୦ବର୍ଷ ଧରି ବିଶ୍ୱ ସମ୍ବାଦ କେନ୍ଦ୍ର ତରଫରୁ ଆଦ୍ୟ ସାମ୍ବାଦିକ ଦେବର୍ଷି ନାରଦଙ୍କ ଜୟନ୍ତୀ ପାଳନ କରାଯିବା ସହ ରାଜ୍ୟର ଜଣେ ବରିଷ୍ଠ ତଥା ବିଶିଷ୍ଟ ସାମ୍ବାଦିକ ଓ ସ୍ତମ୍ଭଲେଖକଙ୍କୁ ରାଜ୍ୟସ୍ତରୀୟ ନାରଦ ସମ୍ମାନ ପ୍ରଦାନ କରାଯାଉଛି । ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ଭଗବାନ ନାୟକବର୍ମା,ସ୍ୱର୍ଗତ ଗୋପାଳ ମିଶ୍ର,ରାଜାରାମ ଶତପଥି, ଗୋପାଳକୃଷ୍ଣ ମହାପାତ୍ର, ଭାସ୍କର ପରିଚ୍ଛା, ସ୍ୱର୍ଗତ ଶ୍ରୀ ବରେନ୍ଦ୍ରକୃଷ୍ଣ ଧଳ, ସୁଧିର କୁମାର ଦାଶ, ଭାଗିରଥି ମହାସୁଆର, ଜଗବନ୍ଧୁ ମିଶ୍ର, ସ୍ୱର୍ଗତ ଅରୁଣ କୁମାର ପଣ୍ଡା, ପ୍ରତାପ ମହାନ୍ତି, ସିଦ୍ଧାର୍ଥ କାନୁନ୍‌ଗୋ, ପ୍ରଭୂ କଲ୍ୟାଣ ମହାପାତ୍ର, ଶିବନାରାୟଣ ସିଂହ, ତପନ ମିଶ୍ର, ସୁବ୍ରତ ଦାସ, ଆର୍ତ ମିଶ୍ର,ଅଭୟ କୁମାର ଦ୍ୱିବେଦୀ ପ୍ରମୁଖ ଏହି ନାରଦ ସମ୍ମାନରେ ସମ୍ମାନୀତ ହୋଇଛନ୍ତି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray